# ବରୁଣେଇ ପାକ୍ସରେ ସାର କଳାବଜାର

**ଯାଜପୁର,୨୧।୧(ହର୍ଷବର୍ଦ୍ଧନ ବେହେରା)**

■ ଚଢ଼ା ଦରରେ ସାର କିଣି ଋଣ ବୋଝରେ ଚାଷୀ
■ ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିଏସ୍

ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ କେତେଜଣ ପାକ୍ସ କର୍ମଚାରୀ ଓ ସମ୍ପାଦକଙ୍କ ଲାଭଖୋର ମନୋଭାବ ଯୋଗୁ ଚାଷୀମାନେ କଳାବଜାରରୁ ସାର କିଣି କ୍ଷତି ସହୁଥିବା ଅଭିଯୋଗ ହୋଇଛି। ଏଭଳି ଏକ ଦୃଷ୍ଟାନ୍ତ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବରୁଣେଇ ପାକ୍ସରେ ଦେଖିବାକୁ ମିଳିଛି। ଏଠାରେ ସମ୍ପାଦକ ୨୦୨୩-୨୪ ଏବଂ ୨୦୨୪-୨୫ ଖରିଫ ଋତୁ ପାଇଁ ଆସିଥିବା ପ୍ରାୟ ୨ କୋଟି ଟଙ୍କାର ସାର ଚାଷୀମାନଙ୍କୁ ନ ଦେଇ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି।

ଗତ ଖରିଫ ଋତୁ ପାଇଁ ମାର୍କଫେଡ୍ ମାଧ୍ୟମରେ ଆସିଥିବା ୮୪ ଲକ୍ଷ ୬୧ ହଜାର ୩୦୦ ଟଙ୍କା ମୂଲ୍ୟର ୪,୨୧୦ କୁଇଣ୍ଟାଲ ସାରକୁ ପାକ୍ସର ଗୋଦାମ ଗୃହକୁ ନ ଆଣି ସାର ଉଠାଇବା ସ୍ଥାନରୁ କଳାବଜାରରେ ବିକ୍ରି କରାଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଚାଷୀ ଅଶୋକ କୁମାର ସାହୁ, ରାଜା ମଲିକ, ହରିଶ୍ଚନ୍ଦ୍ର ମଲିକ, ଜୟନ୍ତ ମଲିକ, କଳ୍ପନା ମଲିକ, ଦର୍ପରଞ୍ଜନ ବେହୁରିଆ, ଗୁରୁବାରି ମଲିକ, ବ୍ରହ୍ମାନନ୍ଦ ମଲିକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଏହି ଅଭିଯୋଗକୁ ଭିତ୍ତିକରି ଓଡ଼ିଶା ନିବନ୍ଧକ ସମବାୟ ସମିତି ସମୂହ(ଆର୍‌ସିଏସ୍)ଙ୍କ ପକ୍ଷରୁ ଯୁଗ୍ମ ନିବନ୍ଧକ ଉକ୍ତ ଅଭିଯୋଗ ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମବାୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସବିଶେଷ ବିବରଣୀ ବିଭାଗୀୟ କାର୍ଯ୍ୟାଳୟକୁ ଯଥାଶୀଘ୍ର ପ୍ରେରଣ କରିବାକୁ ଯାଜପୁର ମଣ୍ଡଳର ବରିଷ୍ଠ ସହକାରୀ ନିବନ୍ଧକ (ଡିଆର୍‌ସିଏସ)ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଲାଭଖୋର ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଯାଜପୁର ଜିଲାରେ ସାରର ଅଭାବୀ ପରିସ୍ଥିତି ଲାଗି ରହିଛି। ର୍ୟାକ ପଏଣ୍ଟରୁ ୟୁରିଆ ସମେତ ବିଭିନ୍ନ ସାର ହରିଲୁଟ ହେଉଛି । ଏପରି କି ଢେଙ୍କାନାଳ, କେନ୍ଦୁଝର, କେନ୍ଦ୍ରାପଡ଼ା ଆଦି ଜିଲାକୁ ବେଆଇନ ଭାବେ ୟୁରିଆ ସାର ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଜିଲାରେ ସାର ଯୋଗାଣ ପାଇଁ ଇଫ୍‌କୋ, ନାଗାର୍ଜୁନ, ପିପିଏଲ୍ ଭଳି କମ୍ପାନୀ ଜିଲା ପ୍ରଶାସନ ସହ ଚୁକ୍ତି କରିଛନ୍ତି । ବିଶେଷକରି ଖରିଫ ଋତୁରେ ଧାନ ଓ ଆଖୁ ଚାଷ ପାଇଁ ୟୁରିଆ ସାର ଯଥେଷ୍ଟ ଆବଶ୍ୟକତା ରହିଛି । ଏହି କ୍ରମରେ ସମଗ୍ର ଜିଲାର କୋରେଇ, ଧର୍ମଶାଳା, ବିଞ୍ଝାରପୁର, ଦଶରଥପୁର, ବରୀ ଓ ବଡ଼ଚଣା ବ୍ଲକର ଚାଷୀଙ୍କ ଧାନ ଚାଷ କ୍ଷେତ୍ରରେ ଅଗ୍ରଣୀ ଭୂମିକା ରହିଛି । ଏହିସବୁ ବ୍ଲକ ପାଇଁ ୨୦ରୁ ଊର୍ଦ୍ଧ୍ୱ ଡିଲର ନିଯୁକ୍ତି ହୋଇଛନ୍ତି । ଯାଜପୁର ରୋଡ଼ ରେଲୱେ ଷ୍ଟେଶନରୁ ସର୍ବାଧିକ ସାର ଉଠାଣ ହେଉଛି। ତେବେ ବରୁଣେଇ ପାକ୍ସ ଅଧୀନ ଚାଷୀମାନଙ୍କ ଅଭିଯୋଗ ଅନୁସାରେ ସାର କଳାବଜାରରେ ବିକ୍ରୀ ହେଉଛି। ଚାଷୀମାନେ କଳାବଜାରରୁ ଚଢ଼ା ଦରରେ ସାର କ୍ରୟ କରି ନିଜ ଚାଷ ଜମିରେ ବ୍ୟବହାର କରୁଛନ୍ତି। କିନ୍ତୁ ବରୁଣେଇ ପାକ୍ସର କେସିସି ଋଣ ଖାତାରେ ସାର ଦିଆଯାଇଛି ବୋଲି ସମ୍ପାଦକ ଉଲ୍ଲେଖ କରିଛନ୍ତି। ଫଳରେ ଚାଷୀମାନେ ସାର ନ ପାଇ ଋଣ ବୋଝରେ ବୁଡ଼ି ରହୁଛନ୍ତି। ଏଥିପାଇଁ ଗତ ଅକ୍ଟୋବରରେ ଚାଷୀମାନେ ବରୁଣେଇ ପାକ୍ସରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଏହାପରେ ଆନ୍ଦୋଳନରତ ଚାଷୀମାନଙ୍କୁ ବିଭାଗୀୟ ଅଧିକାରୀ ବୁଝାସୁଝା କରି କିଛି ଟଙ୍କା ବାଣ୍ଟିଥିଲେ। ସେହି ଟଙ୍କା ମଧ୍ୟ ଏଯାଏ ସମସ୍ତେ ପାଇ ନାହାନ୍ତି। ସେହିପରି ଗତ ୨୦୨୩-୨୪ ଖରିଫ ଋତୁରେ ପାକ୍ସକୁ ୧ କୋଟି ୨୫ ଲକ୍ଷ ଟଙ୍କାର ସାର ଚାଷୀମାନଙ୍କୁ ବଣ୍ଟନ ପାଇଁ ଆସିଥିଲା। କିନ୍ତୁ ଚାଷୀମାନଙ୍କୁ ତାହା ନ ଦେଇ କେବଳ କାଗଜପତ୍ରରେ ଦର୍ଶାଯାଇଛି। ଯେଉଁମାନେ ଏହି ଦୁର୍ନୀତିର ପ୍ରତିବାଦ କରୁଛନ୍ତି ସେମାନଙ୍କୁ କିଛି ଲାଞ୍ଚ ଦେଇ ବଶିଭୂତ କରିବା ସହିତ ଆଉ କେତେକ ଚାଷୀଙ୍କୁ ନାଲି ଆଖି ଦେଖାଇ ଧମକଚମକ ଦେଇ ମୁହଁ ବନ୍ଦ କରି ଦିଆଯାଉଛି। କାଳେ ଏହି ଦୁର୍ନୀତି ପଦାରେ ପଡ଼ିଯିବ ସେଥିପାଇଁ ସମ୍ପାଦକ ଚାଷୀଙ୍କ କେସିସି ବହି ଓ ସିସିବିର ଆକାଉଣ୍ଟ ବହି ନିଜ ପାଖରେ ରଖୁଛନ୍ତି। ଏହାବାଦ୍ ଚାଷୀମାନଙ୍କ ଫସଲ ବୀମା ରାଶି ଚାଷୀମାନଙ୍କୁ ନ ଜଣାଇ ଚାଷୀଙ୍କ ଠାରୁ ବ୍ଲାଙ୍କ୍ ଚେକ୍‌ରେ ଦସ୍ତଖତ କରାଇ ବ୍ୟାଙ୍କରୁ ଉଠାଇ ହଡପ କରନ୍ତି। ସେହିପରି କୃଷି ଋଣ ପ୍ରଦାନ ପାଇଁ ୨୦ ରୁ ୩୦ ଭାଗ ଅର୍ଥ ଲାଞ୍ଚ ନେଇଥାନ୍ତି। ଏନେଇ ପୂର୍ବରୁ ଜିଲାପାଳ ଏବଂ ଆର୍‌ସିଏସ୍‌ଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# କଲଣ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ କାୟାକଳ୍ପ ଟିମ୍



ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସିଥିବା କାୟାକଳ୍ପ ଟିମ୍ ସଦସ୍ୟ ଏବଂ ଅନ୍ୟମାନେ।

**ରସୁଲପୁର,୨୧।୧(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଲଣ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଜିଲା କାୟାକଳ୍ପ ପର୍ଯ୍ୟବେକ୍ଷକ ଟିମ୍ ପରିଦର୍ଶନ କରିଛି। ରାଷ୍ଟ୍ରୀୟ ବାଲ ବିକାଶ ଯୋଜନା, ରାଷ୍ଟ୍ରୀୟ କିଶୋରୀକିଶୋର ଯୋଜନାର ସହକାରୀ ପରିଚାଳକ ମିଳନ ପଡ଼ିହାରୀ, ସହରାଞ୍ଚଳ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ପ୍ରୋଗ୍ରାମ ପରିଚାଳକ ଭାଗିରଥି ପାଣିଗ୍ରାହୀ ପ୍ରମୁଖଙ୍କ ସହ ଏକ ଜିଲାସ୍ତରୀୟ ଟିମ୍ ଆସିଥିଲେ। ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଜ୍ୟୋତିପ୍ରକାଶ ପଣ୍ଡା ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟସେବା, ପରିମଳ, ଭିତ୍ତିଭୂମି ଆଦି ଦିଗରେ ଆଲୋଚନା କରିବା ସହ କେନ୍ଦ୍ର ପରିଚାଳନାରେ ବ୍ୟବହୃତ ଫାଇଲପତ୍ରକୁ ଯାଞ୍ଚ କରିବା ଦିଗରେ ସହଯୋଗ କରିଥିଲେ। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ବସନ୍ତ କୁମାର ପଣ୍ଡା, କମ୍ୟୁନିଟ୍ ସ୍ୱାସ୍ଥ୍ୟ ଅଧିକାରୀ ସୁନିତା ସିଂ, ମହିଳା ସ୍ୱାସ୍ଥ୍ୟକର୍ମୀ ମିତାଞ୍ଜଳି ଦାଶ, ବହୁମୁଖି ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ପର୍ଯ୍ୟବେକ୍ଷକ ଉପସ୍ଥିତ ରହି ଆରୋଗ୍ୟ ମନ୍ଦିରର ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ୟାକୁ ନେଇ ଟିମ୍‌କୁ ଅବଗତ କରାଇଥିଲେ। ଆଶା, ଯୋଗ ଶିକ୍ଷକ ଓ ଅନ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ।

# ନାବାଳିକାଙ୍କ ଫଟୋ ଭାଇରାଲ: ଦୋଷୀଙ୍କୁ ୨ବର୍ଷ ଜେଲ

**ଯାଜପୁର ଟାଉନ,୨୧।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ପୌରାଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ମାମଲାରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଶରତ କୁମାର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ସହିତ ୨ଲକ୍ଷ ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୧ବର୍ଷ ଜେଲ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲା ବୋଉଲାଙ୍ଗ ଗ୍ରାମର ଶୁଭଙ୍କର ଦଳାଇ ନାମକ ଯୁବକଙ୍କ ୨୦୨୦ରେ ନାବାଳିକାଙ୍କଙ୍କ ସହ ଟେଲିଫୋନ୍‌ରେ ବନ୍ଧୁତା ଆରମ୍ଭ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କ ବିଭିନ୍ନ ଅଶ୍ଳୀଳ ଫଟୋ ସଂଗ୍ରହ କରି ବ୍ଲାକ୍ ମେଲିଂ ଆରମ୍ଭ କରିଥିଲେ। ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଦେବାରୁ ଅଭିଯୁକ୍ତ ଏହି ଅଶ୍ଳୀଳ ଫଟୋ ଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏହି ଘଟଣା ପ୍ରଚାର ହେବାପରେ ନାବାଳିକାଙ୍କ ମା'ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଯାଜପୁର ସାଇବର ସେଲ୍‌ରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଧରାପଡ଼ିଥିଲେ। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୪ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ବିଚାରପତି ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପାର୍ଥ ସାରଥି ରାୟ ପରିଚାଳନା କରୁଥିଲେ।

# ଲକ୍ଷପତି ଦିଦିଙ୍କ ତାଲିମ ଶିବିର ଉଦ୍‌ଘାଟିତ



ତାଲିମ ଶିବିରରେ ଯୋଗଦେଇଥିବା ଲକ୍ଷପତି ଦିଦି।

**ରସୁଲପୁର,୨୧।୧(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କୁ ସୁଭଦ୍ରା ଭଳି ବିଭିନ୍ନ ଯୋଜନାରୁ ମିଳୁଥିବା ଆର୍ଥିକ ପ୍ରୋତ୍ସାହନ ରାଶିକୁ ସୁ ବିନିଯୋଗ କରିବା ସଙ୍ଗେସଙ୍ଗେ ମତ୍ସ୍ୟ, ପଶୁପାଳନ, କୁକୁଡା ଚାଷ, ଫୁଲ ଓ ଫଳ ଚାଷ, ବଡ଼ି, ପାମ୍ପଡ, ଆଚାର ପ୍ରସ୍ତୁତି, ପଟ୍ଟଚିତ୍ର ବୁଣିବା, ସିଲେଇ ଜରିଆରେ ବସ୍ତ୍ର ପ୍ରସ୍ତୁତ କରିବା, କୌଳିକ ବୃତ୍ତି କାଠକାମ, ମାଟିପାତ୍ର ଗଢ଼ିବା, ଲୁଗାବୁଣିବା ଭଳି ଅନେକ କାର୍ଯ୍ୟକୁ ବଞ୍ଚାଇବା ଦିଗରେ ପ୍ରୟାସ କରିବାରେ ସରକାରୀ ସହାୟତା ଓ କମ୍ ସୁଧରେ ବ୍ୟାଙ୍କ ଋଣ ସଂଗ୍ରହ କରି ତା'ର ଉପଯୁକ୍ତ ବ୍ୟବହାର କରିପାରିଲେ ମହିଳାମାନେ ଆତ୍ମ ନିର୍ଭରଶୀଳ ହେବା ସହ ଲକ୍ଷପତି ଦିଦିର ମାନ୍ୟତା ହାସଲ କରିପାରିବେ ବୋଲି ସରପଞ୍ଚ ମତବ୍ୟକ୍ତ କରିଥିଲେ। ମିଶନ ଶକ୍ତି ବିଭାଗର ବ୍ଲକସ୍ତରୀୟ ସଂଯୋଜିକା ପ୍ରତିମା ପତି, ଏମ୍‌ବିକେ ସସ୍ମିତା ଆଏଚ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଯୋଜନାକୁ ନେଇ ପ୍ରସ୍ତୁତ ପୁସ୍ତିକା ବଣ୍ଟନ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ପଞ୍ଚାୟତର ସିଆରପିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରୁଣେଶ୍ୱର ମେଳାରେ ଯାତ୍ରା ଦର୍ଶକଙ୍କ ଭିଡ଼ ଜମୁଛି

**ବିଞ୍ଝାରପୁର,୨୧।୧(ରାମକୃଷ୍ଣ ଦାସ)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ହେଉଥିବା ରାଜ୍ୟସ୍ତରୀୟ ବରୁଣେଶ୍ୱର ମେଳା ମଙ୍ଗଳବାର ଅଷ୍ଟମ ଦିନରେ ପହଞ୍ଚିଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଉତ୍ସାହ ବୃଦ୍ଧି ପାଇଛି। ମେଳାରେ ୫ଟି ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଛନ୍ତି। ଫଳରେ ଯାତ୍ରା ଦେଖିବାକୁ ଦର୍ଶକମାନଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଛି। ମେଳାକୁ ଦୁରଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିବା ସହ ମେଳା ପଡ଼ିଆରେ ଲାଗିଥିବା ମେଗା ବଜାରରୁ ଘରକରଣା ଉପକରଣ କିଣୁଛନ୍ତି। ରାତ୍ରିରେ ଯାତ୍ରା ଦେଖୁଛନ୍ତି। ଶ୍ରାଦ୍ଧାଳୁମାନଙ୍କ ଭିଡ଼ ଦେଖି ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି। ଚଳିତଥର ମେଳାରେ ବରୁଣେଶ୍ୱର ମହୋତ୍ସବ ହୋଇ ନ ଥିବାର ଏହାର ଅଭାବକୁ ଅପେରା ଦଳଗୁଡ଼ିକ ପୂରଣ କରିପାରିଛନ୍ତି ବୋଲି ଅନୁଭବ ହେଉଛି।



ବରୁଣେଶ୍ୱର ମେଳା ବୁଲିବାକୁ ଆସିଥିବା ଦର୍ଶକ।

# ଚୋରମୁହାଁ, ବଡ଼କାଏମା ଫାଇନାଲରେ

## ଛବୀନ୍ଦ୍ର ନାୟକ ମେମୋରିଆଲ କ୍ରିକେଟ୍

**ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା)**

ଛବିନ୍ଦ୍ର ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ବ୍ଲକ କୋହ୍ଲାଠାରେ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସୋମବାର ଅନୁଷ୍ଠିତ ୨ ସେମିଫାଇନାଲ ମ୍ୟାଚ୍‌ରେ ଚୋରମୁହାଁ ଟିମ୍ ମିର୍ଜାପୁରକୁ ଓ ବଡ଼କାଏମା ଟିମ୍ ତାରଜଙ୍ଗ ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମିର୍ଜାପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୮ ଉଇକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଚୋରମୁହାଁ ଟିମ୍ ୧୪ ଓଭର୍‌ରେ ୬ ଉଇକେଟ୍ ହରାଇ ୧୮୬ରନ୍ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ବସନ୍ତ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ୨ୟ ସେମିଫାଇନାଲ ମ୍ୟାଚ୍‌ରେ ତାଳଜଙ୍ଗ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରର ଶେଷ ବଲରେ ସମସ୍ତ ଉଇକେଟ୍ ହରାଇ ୮୮ରନ୍ କରିଥିଲା। ଜବାବ୍‌ରେ ବଡ଼କାଏମା ଟିମ୍ ୧୧.୧ ଓଭର୍‌ରେ ୪ ଉଇକେଟ୍ ହରାଇ ୮୯ରନ୍ କରି ବିଜୟଲାଭ କରିଥିଲା। ବିଜୟୀ ଦଳର ପପି ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ ୨ ସେମିଫାଇନାଲ ମ୍ୟାଚ୍‌କୁ ହରପ୍ରସାଦ ନାୟକ ଓ ଅଜୟ କୁମାର ଦାସ ପରିଚାଳନା କରିଥିଲେ। ୨୪ ତାରିଖରେ ଚୋରମୁହାଁ ଟିମ୍ ସହିତ ବଡ଼କାଏମା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ସମ୍ପାଦକ ରାକେଶ କୁମାର ନାୟକ ସୂଚନା ଦେଇଛନ୍ତି।

# ଭୂମିହୀନ ବସ୍ତିବାସିନ୍ଦାଙ୍କୁ ମିଳିବ ଜମିପଟ୍ଟା

## ତହସିଲଦାରଙ୍କ ପକ୍ଷରୁ ତଦନ୍ତ ଆରମ୍ଭ

**ରସୁଲପୁର,୨୧।୧(ରଞ୍ଜିତ ରାଉତ)**



ବସୁନ୍ଧରା ଯୋଜନାରେ ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସବାସ କରୁଥିବା ପାଛିଆ ବୁଣାଳି ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ମଙ୍ଗଳବାର ଅପରାହ୍ନରେ ରସୁଲପୁର ତହସିଲଦାର ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ରାଜସ୍ୱ ବିଭାଗ ଦଳ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପରିଦର୍ଶନକାରୀ ଦଳ ପଞ୍ଚାୟତ ପାଖରେ ଥିବା ସରକାରୀ ଜମିରେ ଘର ନିର୍ମାଣ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଚିହ୍ନଟ ହୋଇଥିବା ଜମିର ନକ୍ସା ଓ କାଗଜାତ୍‌କୁ ଯାଞ୍ଚ କରିଛନ୍ତି। ଉକ୍ତ ଜମିକୁ ପ୍ଲଟିଂ କରିବା ଉପରେ ତହସିଲଦାର ଗୁରୁତ୍ୱ ଦେବା ସହ ସେଠାକୁ ସ୍ଥାୟୀ ରାସ୍ତା ନିର୍ମାଣ ଓ ଜମିର ଭିତ୍ତିଭୂମି ବିକାଶ ଦିଗରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସହ ଆଲୋଚନା କରିଛନ୍ତି।

ଅଧିକାରୀମାନେ ପ୍ଲଟସ୍ଥଳକୁ ବୁଲି ଦେଖିବା ସହ ଉକ୍ତ ବସ୍ତିରେ ୫୦ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ବସବାସ କରୁଥିବା ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫ ପରିବାରକୁ ଜମି ପଟ୍ଟା ପ୍ରଦାନ କରାଯିବା ନେଇ ସୂଚନା ପ୍ରଦାନ କରିଛନ୍ତି। ଜମି ପଟ୍ଟା ମିଳିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ସମ୍ଭବ ହୋଇପାରିବ। ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ତହସିଲ ସୁପରଭାଇଜର ମନୋରଞ୍ଜନ ଦାଶ, ମଧୁବନ ରାଜସ୍ୱ ନିରୀକ୍ଷକ ରଶ୍ମିତା ଦାସ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିରିଆ ମାଝୀ ପ୍ରମୁଖ ତଦନ୍ତରେ ସାମିଲ ହୋଇ କ୍ଷେତ୍ର ପରିଦର୍ଶନ କରିଥିଲେ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌ର କ୍ରୀଡ଼ା ପ୍ରତିଯୋଗିତା

**କଳିଙ୍ଗନଗର,୨୧।୧(ଶୁଭାଶିଷ ରାଉତ)**

ଜିନ୍ଦଲ ଷ୍ଟେନଲେସର ସିଏସଆର ବିଭାଗ ପକ୍ଷରୁ ଏକ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଅସ୍ମିତା ଉତ୍ପାଦନ କେନ୍ଦ୍ର, ଯୁବଶକ୍ତି ପାଇଁ ଦକ୍ଷତା ତାଲିମ କେନ୍ଦ୍ର ଏବଂ ଜେଆଇଆଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଭଳି ପ୍ରମୁଖ ସିଏସଆର ପ୍ରକଳ୍ପର ହିତାଧିକାରୀ, ସମ୍ପ୍ରଦାୟର ସଦସ୍ୟ ଏବଂ ସିଏସଆର କ୍ଷେତ୍ର କର୍ମଚାରୀ ସାମିଲ ଥିଲେ। କ୍ରୀଡ଼ା ସମାବେଶରେ କ୍ୟାରମ ଏବଂ କ୍ରିକେଟ ସହିତ ସୂତା ଏବଂ ଛୁଞ୍ଚି ଦୌଡ଼, ପିଙ୍ଗପଙ୍ଗ ଏବଂ ଆଳୁ ଦୌଡ଼ ସମେତ ବିଭିନ୍ନ ମଜାଦାର ଖେଳ ପ୍ରଦର୍ଶିତ ହୋଇଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ, ଦଳଗତ କାର୍ଯ୍ୟ ଏବଂ ଆନନ୍ଦ ବୃଦ୍ଧି ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଜିନ୍ଦଲ ଷ୍ଟେନଲେସ କଳିଙ୍ଗନଗର ପ୍ଲାଣ୍ଟର ବରିଷ୍ଠ ମହିଳା ଇଞ୍ଜିନିୟରମାନେ ଶେଷ ଦିନରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ସିଏସ୍‌ଆରର ଆଞ୍ଚଳିକ ମୁଖ୍ୟ ସୁକାନ୍ତ ରଥ, ବରିଷ୍ଠ ସଦସ୍ୟ ସଞ୍ଜୟ ମହାନ୍ତି ଏବଂ ହେମନ୍ତ ବାହାଲିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଦିବାରାତ୍ର ଭଲିବଲ: ବାଲେଶ୍ୱର ବିଜୟୀ



**ସିଂହପୁର,୨୧।୧(ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଲକ୍ଷ୍ମୀନାରାୟଣ ପଡ଼ିଆଠାରେ ରାଜ୍ୟସ୍ତରୀୟ ଶୁକଦେବ ନାୟକ ସ୍ମାରକୀ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣ ସ୍ପୋର୍ଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର, ଭଦ୍ରକ, ଭୂମିକା ଓ ପାରାଦୀପ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବାଲେଶ୍ୱର ଓ ଭଦ୍ରକ ମଧ୍ୟରେ ହୋଇଥିଲା। ଏହି ଚିତାକର୍ଷକ ମ୍ୟାଚରେ ବାଲେଶ୍ୱର ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ବସିଜେ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଧଳ, ସମ୍ମାନିତ ଅତିଥିଭାବେ ଅସିତ କୁମାର ରାଉତ, ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଯେନା, ମୁଖ୍ୟବକ୍ତା ଭାବେ ଦୀନବନ୍ଧୁ ସାହୁ ଓ ଶ୍ରୀକାନ୍ତ ଘଡ଼ାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁଚରଣ ଭୂୟାଁ, ବନବିହାରୀ ଧଳ, ଅଜିତ ଭୂୟାଁ, ଗନ୍ଧର୍ବ ଚରଣ ଦାସ, ରାଜକିଶୋର ନାୟକ, ଦିଲୀପ କୁମାର ରାଉତ, କୁଶଚରଣ ସାମଲ, ଅଜୟ ଖଣ୍ଡୁଆଳ, ଅଭୟ କୁମାର ଆରୁକ, ଶ୍ରୀକାନ୍ତ ପଣ୍ଡା, ପ୍ରମୋଦ ପାତ୍ର, ପପୁ ରଞ୍ଜନ ରାଉତ, ପ୍ରଶାନ୍ତ ପାତ୍ରଙ୍କ ସମେତ କ୍ଲବ୍‌ର ଅନ୍ୟ ସଦସ୍ୟ ଓ ଗ୍ରାମର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସଭାରେ ଭାଜପା ଜିଲା ସଭାପତି ଗୌତମ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲିକ ଯୋଗଦେଇ କ୍ଲବ୍‌ର ସମସ୍ତ ସଭ୍ୟ ଓ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଅନିଲ କୁମାର ବିଶ୍ୱାଳ, ନାରାୟଣ ଚନ୍ଦ୍ର ବାରିକ ଓ ଅନ୍ୟ ସହକର୍ମୀ ଖେଳ ପରିଚାଳନା କରିଥିଲେ। ଶ୍ରୀକାନ୍ତ ଘଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଜିତ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ୧୫୬ ସରକାରୀ କର୍ମଚାରୀଙ୍କ ପରିବାର ହାତରେ ରାଶନ କାର୍ଡ

**କାଏମା,୨୧।୧(ଶିବ ପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଅଧୀନରେ ଅନେକ ଅଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ହାତେଇଥିବା ତାଲିକା ପ୍ରକାଶ ପାଇଛି। ଫଳରେ ବଡ଼ବଡ଼ିଆ ଓ ସରକାରୀ ଅଧିକାରୀଙ୍କ ଗୁମର ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି। ସରକାରଙ୍କ ପକ୍ଷରୁ ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବ୍ୟବସ୍ଥା କରାଯିବ ଦିନରୁ ସେମାନଙ୍କ ମଧ୍ୟରେ କୋକୁଆ ଭୟସୃଷ୍ଟି ହୋଇଛି। ସେହିପରି ଏହି ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ଭାବେ ବିବେଚିତ କରି ଥିବା କର୍ମଚାରୀଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାକୁ ନେଇ ନାନା ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁସାରେ, ଏହି ବ୍ଲକ ଅଧୀନରେ ମୋଟ୍ ୪୮,୪୪୭ ରାଶନ ହିତାଧିକାରୀ ରହିଛନ୍ତି। ଇ-କେୱାଇସି କରାଯିବା ପରେ ସେଥିମଧ୍ୟରୁ ୧୫୬ କାର୍ଡଧାରୀଙ୍କ ପରିବାରର ମୋଟ ୬୪୫ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏହି ପରିବାରର ସଦସ୍ୟମାନେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ମେଡିଆଲ ଅଫିସର ଓ ବ୍ଲକ କାର୍ଯ୍ୟାଳୟରେ ଚାକିରି କରିଛନ୍ତି।




ବ୍ଲକର ୪୫ ପଞ୍ଚାୟତ ମଧ୍ୟରୁ ଅଭୟପୁର ୫, ଅଞ୍ଜିରା ୨, ଅରାଳଲ ୨, ଅରେଇକଣା ୧, ଆରୁହା ୨, ବଡ଼କଏମା ୩ , ବୃନ୍ଦାଦେଇପୁର ୧, ଚାହାଟା ୧, ଚକ୍ରଧରପୁର ୯, ଚୋରମୁହାଁ ୧୧, ଦେଓଦା ୨, ଏଣ୍ଡଲବା ୯, ଗଙ୍ଗାଧରପୁର ୧, ହରିଦାସପୁର ୭, ଜାରକା ୧୨, ଜେନାପୁର ୪, କବାଟବନ୍ଧ ୭, କଦମପାଳ ୧, କମାଗଡ଼ ୩, କଣ୍ଟିଗଡ଼ିଆ ୨, କୋତପୁର ୨, କୁମାରୀ ୧, ମଧୁପୁରଗଡ଼ ୭ , ମଧୁସୂଦନପୁର ୨, ମହିସରା ୪, ମର୍ଜିତାପୁର ୧୮, ମିର୍ଜାପୁର ୨, ନେଉଳପୁର ୨, ପାଟପୁର ୨, ପଟୁଣିଆ ୧, ପୁରୁଣା ବଉଳମାଳ ୬ , ରାଇଛନ୍ଦା ୪, ସାହାଣିଡିଅ ୪, ସମ୍ପାରୁ ୨, ସୁନ୍ଦରିଆ ୧, ତାଳଜଙ୍ଗ ୩ , ତରଞ୍ଜିଆ ୧, ଥାନୁଆଳ ୬ ଓ ଉତ୍ତରପ୍ରତାପ ୪ ଜଣ ସରକାରୀ କର୍ମଚାରୀ ପରିବାର ରାଶନକାର୍ଡ ହାତେଇ ଥିବା ସରକାରୀ ତାଲିକାରୁ ଜଣାପଡ଼ିଛି। ଏହାବ୍ୟତୀତ ଅନେକ ଟ୍ରକ, ବସ ଭଳି ବଡ଼ବଡ଼ ଭାରିଯାନ ଥିବା ଗାଡ଼ି ମାଲିକଙ୍କ ନାମରେ ରାଶନକାର୍ଡ ଥିବା ଆଲୋଚନା ହେଉଛି। ଏହାଉପରେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ସରକାରଙ୍କ ତରଫରୁ ଏହି ଅଯୋଗ୍ୟ ତାଲିକା ଆସିଥିବାବେଳେ ଏହାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଏମଆଇ ତପସ୍ୱିନୀ ବିଶ୍ୱାଳ କହିଛନ୍ତି। ଧର୍ମଶାଳା ବିଡିଓ ଛୁଟିରେ ଥିବା ବେଳେ ଦାୟିତ୍ୱରେ ଥିବା ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କହିଛନ୍ତି, ତଦନ୍ତ ପରେ ଅଯୋଗ୍ୟ ହିତାଧିକାରୀଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଏଥିରେ ସମ୍ପୃକ୍ତି ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ।

**ବିଦ୍ୟୁତ୍ ଆଘାତରେ ଯାତ୍ରାପାର୍ଟି କର୍ମଚାରୀଙ୍କ ମୃତ୍ୟୁ**

ରାଜନଗର, (ଭାସ୍କର ରାଉତରାୟ)-ରାଜନଗର ବ୍ଲକ୍ ତାଳଚୁଆଠାରେ ଅପେରା ପରିବେଷଣ କରୁଥିବା କର୍ମଚାରୀଙ୍କ ବିଦ୍ୟୁତ୍ ମଙ୍ଗଳବାର ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଅଞ୍ଚଳର ପ୍ରକାଶ ଗୋଛାୟତ (୩୨)। ପୂର୍ବାହ୍ନରେ ଯାତ୍ରା ପାର୍ଟିର ପ୍ରଚାର ଗାଡ଼ି ପାଇଁ ଚାର୍ଜରେ ବସିଥିବା ଇନ୍‌ଭର୍ଟରରୁ ବ୍ୟାଟେରି ବିଦ୍ୟୁତ୍ ଆଘାତରେ ପ୍ରକାଶ ଛିଟିକି ପଡ଼ିଥିଲେ। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ମାର୍ଟ ମିଟର ଲଗାଇବା ବିରୋଧରେ ଦାବିପତ୍ର

ମାର୍ଶାଘାଇ୨୧।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଘରେ ସ୍ମାର୍ଟ ମିଟର ସ୍ଥାପନକୁ ବିରୋଧ କରି ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ମିଟର ଠିକ୍ ଥିବାବେଳେ ନୂତନ ସ୍ମାର୍ଟ ମିଟର ଲଗାଇବା ପାଇଁ ବାଧ୍ୟ କରାଯାଉଛି। ନୂଆ ମିଟର ଲଗାଇ ୭ ହଜାର ଟଙ୍କା ଅଯଥା ବୋଝ ଲଦି ଦିଆଯାଉଛି। ୭ ଦିନ ମଧ୍ୟରେ ଦାବି ସମାଧାନ ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ଉପଭୋକ୍ତାମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉପେନ୍ଦ୍ର ବେହେରା, ପ୍ରସନ୍ନ ସାହୁ, ସଞ୍ଜୟ ପାତ୍ର, ଯୋଗେନ୍ଦ୍ର ବେଉରା, ଆଲୋକ ପ୍ରଧାନ, ନରେନ୍ଦ୍ର ରଥ, ଦେବେନ୍ଦ୍ର ରଥ, କୈଳାସ ବେହେରା, ସୁରେଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

# ମରାମତି ପାଇଁ ଗଣଧାରଣା, ଦାବିପତ୍ର

### ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ବନ୍ଧ ରାସ୍ତା

କେନ୍ଦ୍ରାପଡ଼ା, ୨୧।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇ-ରାଜନଗରବାସୀଙ୍କ ଜୀବନରେଖା କୁହାଯାଉଥିବା ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ନିର୍ମାଣକୁ ନେଇ କିଛିବର୍ଷ ଧରି ରୀତିମତ ରାଜନୀତି ଚାଲିଛି। ମଙ୍ଗଳବାର ଏହି ରାସ୍ତା ମରାମତି ଦାବିରେ ଉତିକଣ ସଂଗ୍ରାମ ପରିଷଦର କର୍ମକର୍ତ୍ତାମାନେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନଟବର ପ୍ରଧାନ ଧାରଣାକାରୀ ପରିଷଦ କର୍ମକର୍ତ୍ତାଙ୍କଠାରୁ ଦାବିପତ୍ର ଗ୍ରହଣକରି ଆସନ୍ତା ମାସେ ମଧ୍ୟରେ ରାସ୍ତା ମରାମତି କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଦୀର୍ଘ ୨୫ ବର୍ଷ ହେଲା ଏହି ରାସ୍ତା ମରାମତି କି ପୁନଃ ନିର୍ମାଣ କରାଯାଇ ନ ଥିବାରୁ ବସ୍ତୁତଃ ଏହା ମରଣଯନ୍ତାରେ ପରିଣତ ହୋଇଥିଲା। ପଟ୍ଟାମୁଣ୍ଡାଇ-ରାଜନଗରବାସୀ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ପରେ ଅଞ୍ଚଳବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ସରକାର ୨୦୨୧ ମସିହାରେ ୨୨ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତାର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରି କାମ ଆରମ୍ଭ କରିଥିଲେ। ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ତତ୍କାଳୀନ କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ବେହେରା, ସହନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ନାୟକ ଓ ଯନ୍ତ୍ରୀ ଅଶୋକ ଜେନା ନିର୍ମାଣ ତଦାରଖର ଦାୟିତ୍ୱ ନେଇ ନୀତିନିୟମ ଅନୁସାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଫୁଟ୍‌ପାଥ୍ ନିର୍ମାଣ, ଜବରଦଖଲ ଉଚ୍ଛେଦ, ବିଦ୍ୟୁତ୍ ଖୁଣ୍ଟ ଅପସାରଣ, ଗୋଡ଼ି, ବାଲି ମାନକୁ ନେଇ ପରିଷଦ କର୍ମକର୍ତ୍ତା ଆନ୍ଦୋଳନ କରିଆସୁଥିଲେ। ଏ ନେଇ ବାରମ୍ବାର ବାଦାନୁବାଦ ସୃଷ୍ଟିହୋଇ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କରାଯାଉଥିଲା। ଏହି ବାଧାକୁ ହଟେଇ ରାସ୍ତା ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ କରିବାକୁ ଏହା ଉପରେ ନିର୍ଭର କରୁଥିବା ସମସ୍ତ ପଞ୍ଚାୟତ ଲୋକପ୍ରତିନିଧିଙ୍କୁ ନେଇ ଗଠିତ କମିଟି ତତ୍ତ୍ୱାବଧାନରେ କାମ କରାଯାଇଥିଲା। ବହୁ ବାଦାନୁବାଦ ପରେ ରାସ୍ତା ନିର୍ମାଣକାରୀ ସଂସ୍ଥା କୌଣସିମତେ କାମ ଶେଷ କରିଥିଲା। ଏହି ରାସ୍ତା ନିର୍ମାଣ ପରେ ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ପାଇଁ ସରକାର ନିର୍ମାଣକାରୀ ସଂସ୍ଥା ସହ ଚୁକ୍ତି କରିଥିଲେ। ଇତି ମଧ୍ୟରେ ଏହି ରାସ୍ତାର ବିଭିନ୍ନ ସ୍ଥାନ ଖରାପ ହୋଇଯାଇଛି। ଚୁକ୍ତି ଅନୁଯାୟୀ ନିର୍ମାଣକାରୀ ସଂସ୍ଥା ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଉତିକଣ ସଂଗ୍ରାମ ପରିଷଦ ପକ୍ଷରୁ ପୁଣି ବିରୋଧ କରାଯାଇ କାମ ବନ୍ଦ କରାଯାଇଛି। ଯାହାଫଳରେ ରାସ୍ତା ମରାମତି ବନ୍ଦ ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଶିଲ


@ ଜଣ୍ଟି


@ ଦିନେଶ


@ କମଲକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଜବତ

### ଭି. ବଜାର ସମେତ ଏକାଧିକ ଅଞ୍ଚଳରୁ ଚୋରି ଘଟଣା

ଜଗତ୍‌ସିଂହପୁର, ୨୧।୧ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଓ ବିରିଡ଼ି ଥାନା ଅଞ୍ଚଳର ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ବଡ଼ପୋଖରିଆ ଗାଁର ସୁରେଶ ପ୍ରଧାନ (୨୮)। ମଙ୍ଗଳବାର ଜଗତ୍‌ସିଂହପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୧୪ ତାରିଖରେ ସ୍ଥାନୀୟ ଭି ବଜାରରୁ ଚୋରି ହୋଇଥିଲା। ଏ ସମ୍ପର୍କରେ ୧୫ ତାରିଖରେ ପରିଚାଳକ ତୁଷାରକାନ୍ତ ଭଞ୍ଜଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୩୧/୨୫) ରୁଜୁ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଯେଉଁଥିରେ ଜଗତ୍‌ସିଂହପୁର ଓ ବିରିଡ଼ି ଆଇଆଇସିଙ୍କ ସମେତ ତଦନ୍ତକାରୀ ଅଧିକାରୀ ଭାସତ ରାୟ, ଜଗତ୍‌ସିଂହପୁର ସାଇବର ସେଲ୍‌ର ଅନ୍ୟ କର୍ମଚାରୀ ଥିଲେ। ତଦନ୍ତରେ ସିସିଟିଭି ଫୁଟେଜ୍‌କୁ ଭଲ ଭାବେ ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯାଇଥିଲା। ଗତ ୨୦ ତାରିଖ ରାତିରେ ସୁରେଶଙ୍କୁ ପୋଲିସ କାବୁ କରି ଚୋରି ସାମଗ୍ରୀ ଜବତ କରିଛି। ଏହି ଜବତ ସାମଗ୍ରୀର ମୂଲ୍ୟ ୫୦ ହଜାର ଟଙ୍କା ହେବ। ସୁରେଶ ଜଣେ ଅଭ୍ୟାସଗତ ଅଭିଯୁକ୍ତ। ଚୋରି ପୂର୍ବରୁ ସେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ବିପରୀତ ଦିଗରେ ଥିବା ଏକ ଗେଷ୍ଟ ହାଉସ୍‌ରେ ରହୁଥିଲେ। କେବଳ ଜଗତ୍‌ସିଂହପୁର ନୁହେଁ, ସେ ବିରିଡ଼ି ଥାନା ଓ କଟକର ବାଦାମବାଡ଼ି ଅଞ୍ଚଳରେ ହୋଇଥିବା ଚୋରିରେ ସେ ସମ୍ପୃକ୍ତ ଥିଲେ। ଏ ନେଇ ବିରିଡ଼ି ଥାନାରେ ମାମଲା (ନଂ.୮/୨୫) ଓ (୧୫/୨୫) ରୁଜୁ ହୋଇଥିଲା। ଏସବୁ ମାମଲା ଉପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ହୋଟେଲରେ ଯାଞ୍ଚ କଲାବେଳେ ଭଙ୍ଗା ସରଞ୍ଜାମ ସହ ଚୋରି ସାମଗ୍ରୀ, ୧ ଏଏସ୍‌ୟୁଏସ୍ ଲାପଟପ୍, ଡାଟା କେବୁଲ, ଇଅର ଫୋନ, ୨ଟି ଆଣ୍ଡ୍ରଏଡ୍ ଫୋନ୍, ୨ ଲାଭା ହାଣ୍ଡ ସେଟ୍, ଟର୍ଚ୍ଚ ଲାଇଟ୍, ନଗଦ ୯୦୦ ଟଙ୍କା ଜବତ କରିଛି। ପୁଣି ଥରେ ହୋଟେଲ୍ ଅନୁଧ୍ୟାନ ବେଳେ ୨ଟି ଉଷା ଇଲେକ୍ଟ୍ରିକ୍ ଆଇରନ୍, ୧ ଟେବୁଲ ଫ୍ୟାନ୍, ୨ ଚାର୍ଜର, କେତେକ ପୋଷାକ ସାମଗ୍ରୀ ସହ ଟ୍ରଲି ବ୍ୟାଗ, ୧ ଇଣ୍ଡକ୍ସନ୍ ଚୁଲା ଜବତ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସଚନ୍ଦ୍ର ସାହୁ ଓ ବିରିଡ଼ି ଆଇଆଇସି ସବ୍ୟସାଚୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡି ସମ୍ମୁଖରେ ଧାରଣା ଦେଲେ ଶତାଧିକ ଚାଷୀ

### ମଣ୍ଡିରେ ପଡ଼ିଛି ଧାନ, ଆସୁନାହାନ୍ତି ମିଲର

ଆଳି, ୨୧।୧ (ବନମାଳୀ ସେନାପତି)


ମଣ୍ଡିରେ ଧାରଣା ଦେଇଥିବା ଚାଷୀମାନେ।

ଆଳି ବ୍ଲକ୍ ନୂଆଗାଁ କୃଷି ସମବାୟ ସମିତି(ପାକ୍ସ)ପକ୍ଷରୁ ଗତ ୧୦ ତାରିଖରେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଥିଲା। ହେଲେ ୧୧ ଦିନ ବିତି ଯାଇଥିବା ବେଳେ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାନ ଉଠାଇବା ନିମନ୍ତେ ପାକ୍ସରେ ଚାଷୀମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଧାନ ଉଠୁ ନ ଥିଲା, ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ହୋଇ ମଣ୍ଡିରୁ ଧାନ ନେବା ଦାବିକରି ମଣ୍ଡି ସାମ୍ନାରେ ମଙ୍ଗଳବାର ମଧ୍ୟାହ୍ନରେ ଧାରଣା ଦେଇଥିଲେ।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ନୂଆଗାଁ ପାକ୍ସ ୧୧ଦିନ ତଳେ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ମଣ୍ଡିରେ ଧାନ ବିକ୍ରି କରିବା ଲାଗି ଅଞ୍ଚଳର ୨୫୩ ଚାଷୀ ଟୋକନ ପାଇଛନ୍ତି। ଟୋକନ ପାଇବା ପରେ ଚାଷୀମାନେ ମଣ୍ଡିରେ ନିଜର ଧାନ ବିକ୍ରି କରିବାକୁ ମଣ୍ଡିକୁ ଧାନ ଆଣିଛନ୍ତି। ପ୍ରାୟ ଶହେ ଜଣ ଚାଷୀ ସେମାନଙ୍କ ଧାନମଣ୍ଡିରେ ଦେଇଥିବା ବେଳେ ଏପର୍ଯ୍ୟନ୍ତ ମିଲର ଆସୁ ନ ଥିବା ବେଳେ ଧାନ ଉଠୁନାହିଁ। ମଣ୍ଡିରେ ଧାନ ରଖିବା ପରେ ପାକ୍ସ ପକ୍ଷରୁ ଗୋଦାମ ଘର ନ ଥିବାରୁ ବସ୍ତାଗୁଡିକୁ ଅସ୍ଥାୟୀ ଟେଣ୍ଟ ତଳେ ରଖାଯାଇଛି। ମିଲର ଆସି ଧାନ ନେଉ ନ ଥିବାରୁ ମୂଷା ବସ୍ତା କାଟି ଧାନ ଖାଇ ଗଲେଣି। ଇତିମଧ୍ୟରେ ଧାନ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ପ୍ରତି ସପ୍ତାହରେ ୩ଟି ଦିନ ଧାର୍ଯ୍ୟ ହୋଇଥିବା ବେଳେ ତାହା ଅତିକ୍ରାନ୍ତ କରିଯାଇଛି। ଏହାକୁ ନେଇ ଚାଷୀମାନେ ବାରମ୍ବାର ସମବାୟ ସମ୍ପାଦକଙ୍କଠାରୁ ଆରମ୍ଭକରି ସମସ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ କୌଣସି ସୁଫଳ ପାଇ ନ ଥିଲେ। ବାଧହୋଇ ମଙ୍ଗଳବାର ପ୍ରଦ୍ୟୁମ୍ନ ଦାଶ, ଭରତ ସେଠୀ, ଚକ୍ରଧର ପଣ୍ଡା, ମଦନ ବେହେରା, ଭୁବନାନନ୍ଦ ଦାଶ, କାର୍ତ୍ତିକ ପ୍ରଧାନ, ଅଧିକାରୀ ଖଣ୍ଡୁଆଳ, ବାବାଜୀ ମୁଦୁଲି, ସୁରେଶ ମହାନ୍ତି, ସଞ୍ଜୟ ଷଣ୍ଢ, ତାରା ପ୍ରସନ୍ନ ମହାନ୍ତି, ଅବିନାଶ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଆସନ୍ତା ଶୁକ୍ରବାର ସୁଦ୍ଧା ଧାନ ଉଠାଇବା ଦାବିରେ ମଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ସେମାନଙ୍କ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠି ଥିଲେ।

## ଇଲେଭେନ ୱାରିୟର ଟିମ୍ ଚାମ୍ପିୟନ

### ଦେସାହି ପ୍ରିମିୟର ଲିଗ୍

ଆଳି, ୨୧।୧ (ବନମାଳୀ ସେନାପତି)

ଆଳି ବ୍ଲକ୍ ଦେସାହି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦେସାହି ପ୍ରିମିୟର ଲିଗ୍ ସିଜିନ-୧୧ ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଖେଳରେ ସୁପର ନଭା ଟିମ୍‌କୁ ହରାଇ ଇଲେଭେନ ୱାରିୟର ଟିମ୍ ଚାମ୍ପିୟନ ହୋଇଛି। ଇଲେଭେନ ୱାରିୟର ଟିମ୍ ପ୍ରଥମେ ବ୍ୟାଟିଂକରି ଧାର୍ଯ୍ୟ ୧୨ ଓଭର ଖେଳି ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ସୁପର ନଭା ଟିମ୍ ୧୨ ଓଭର ମ୍ୟାଚରେ ୮ ଉଇକେଟ ହରାଇ ୮୦ ରନକରି ପରାଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସୁନୀଲ ପରିଡ଼ା, କମଳାକାନ୍ତ ମହାଳିକ ରବୀନ୍ଦ୍ର ମହାନ୍ତି, ସମ୍ବିତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଇଲେଭେନ ୱାରିୟର ଟିମ୍‌କୁ ଚାମ୍ପିୟନ ଓ ସୁପର ନଭା ଟିମ୍‌କୁ ରନର୍ସ ଅପ୍ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଛନ୍ତି। ଇଲେଭେନ ୱାରିୟର ଟିମ୍‌ର ଦୀପକ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଛି। କ୍ରିକେଟ ଆସୋସିଏଶନର ସଭାପତି ରଶ୍ମିରଞ୍ଜନ ଜେନା, ସମ୍ପାଦକ ମନୋରଞ୍ଜନ ସାମଲ, ରାକେଶ ବାରିକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପଞ୍ଚଦଶ ଅର୍ଥ କମିଶନର ବ୍ଲକ୍‌ସ୍ତରୀୟ ଜନଶୁଣାଣି

ନାଉଗାଁ, ୨୧।୧ (ସୁଧା ବେହୁରା)

ରାଜ୍ୟ ସରକାରଙ୍କ ଓସାଟ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ଓ ପଞ୍ଚଦଶ ଅର୍ଥ କମିଶନର ଅନୁଦାନ କାର୍ଯ୍ୟକ୍ରମ ଉପରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ସାଧାରଣତଃ ଜବ୍ କାର୍ଡଧାରୀ, ଜବ୍‌କାର୍ଡ ସମ୍ପର୍କିତ କାର୍ଯ୍ୟର ହିତାଧିକାରୀମାନେ ଯୋଗଦେଇ ଅଭିଯୋଗ ପ୍ରଦାନ କରିଥିଲେ। ଶିବିରରେ ଏମ୍‌ଜିଏନ୍‌ଆରଇଜିଏସ୍ ୩୦ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ୬ଟି ଅଭିଯୋଗ ହୋଇଥିଲା। ଘୋଡାଂଶ ପଞ୍ଚାୟତ ସମିତି ସଭ୍ୟ ତରୁଣ କାନ୍ତ ବାରିକ ଓ ଡାବର ସଭ୍ୟ ସୁବଳ ବେହେରା ବିଭିନ୍ନ କାର୍ଯ୍ୟ ଉପରେ ପ୍ରଶ୍ନ ପଚାରିଥିଲେ। କାର୍ଯ୍ୟକ୍ରମରେ ଭିଆର୍‌ପିଙ୍କ ତଦନ୍ତ କରାଯାଇ ଯେଉଁ ସବୁ ଅଭିଯୋଗ କରାଯାଇଥିଲା, ସେସବୁକୁ ଯଥାଶୀଘ୍ର ପ୍ରୋସିଡିଂ କରି ପଦକ୍ଷେପ ନେବାକୁ ଉପଜିଲାପାଳ ତରାଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୨୪ ସେପ୍ଟେମ୍ବର ୨୦୨୪ରେ ହୋଇଥିବା ଜନଶୁଣାଣିରେ କେତେଗୁଡ଼ିଏ ଅଭିଯୋଗର ଶୁଣାଣି ହୋଇ ନ ଥିଲା। ଏସବୁ ଅଭିଯୋଗର ଦ୍ରୁତ ସମାଧାନ କରିବାକୁ ବିଡିଓ ମହାପାତ୍ରଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଶିବିରେ ଉପଜିଲାପାଳ ପ୍ରଶାନ୍ତ ତରାଇ, ବିଡିଓ ତଥା ଏମ୍‌ଜିଏନ୍‌ଆର୍‌ଇଜିଏସର ଅଧିକାରି ତପନ ମହାପାତ୍ର,ଏବିଡିଓ ଦେବେନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ ଅଙ୍କିତା ଜାଲି, ଜିପିଓ ଦିନେଶ ରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ ସାମାଜିକ ସମୀକ୍ଷା ସଂଯୋଜକ ସଚିନ ଦାସ ଓ ଏପିଓ ଜ୍ୟୋତିର୍ମୟ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ପିଇଓ ଓ ଏଡିଇଓମାନେ ଅନୁପସ୍ଥିତ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବା ପାଇଁ ବିଡିଓ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

## ପ୍ରଧାନ ଶିକ୍ଷକ ଅନନ୍ତଙ୍କ ସ୍ମୃତିଚାରଣ ସଭା

ରାଜକନିକା, ୨୧।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍ ସିକୋ ପଞ୍ଚାୟତ ଗୋବାଙ୍ଗ ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଅନନ୍ତ ଚରଣ ବିଶ୍ୱାଳଙ୍କ ସ୍ମୃତି ଚାରଣ ସଭା ବାସଭବନଠାରେ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ସଭା ସଞ୍ଚାଳନରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରତାପ କେଶରୀ ଦେବ, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସିପିଆଇ(ଏମ୍‌ଏଲ୍) ଜିଲା ସମ୍ପାଦକ ବିଧାନ ଦାସ, ବିଦ୍ୟାଧର ତ୍ରିପାଠୀ, ବିନୟ ଭୂଷଣ ଜେନା, ରଞ୍ଜନ କୁମାର ମଲ୍ଲିକ, ହରିଶ୍ଚନ୍ଦ୍ର ନାୟକ, ବାସୁଦେବ ରାଉତ, ଶୁଭ୍ରଜିତ ନାୟକ, ପଞ୍ଚାନନ ପଣ୍ଡା, ଅର୍ଚ୍ଚନା ବିଶ୍ୱାଳ ଓ ବାମନ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଅଞ୍ଚଳର ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଭାବେ ସ୍ମୃତି ଚାରଣ କରିଥିଲେ।

## ୮୦ ପ୍ରତିଶତ ଭିନ୍ନକ୍ଷମ ବଢ଼ାଇବା ପାଇଁ ଭିଡ଼

### ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମହାକାଳପଡ଼ା, ୨୧।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗ ଦେଇଥିବା ବିଧାୟକ ଓ ଅନ୍ୟମାନେ ।

କେନ୍ଦ୍ର ଓ ରାଜ୍ୟ ସରକାର ସାମାଜିକ ସୁରକ୍ଷା, ସଶକ୍ତୀକରଣ ଯୋଜନାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ସବୁବର୍ଗର ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି। ଏହି ଅବସରରେ ମହାକାଳପଡ଼ା ବ୍ଲକ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁଥିବା ସାଢ଼େ ୩ ହଜାର ଟଙ୍କା ଭତ୍ତା ପାଇଁ ଏବେ ୩୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହିତାଧିକାରୀ ଆଶା ରଖି ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ଫଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶିବିରକୁ ସ୍ଥାନୀୟ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୮୦ବର୍ଷ ବୃଦ୍ଧାବୃଦ୍ଧ ଓ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ସାଢ଼େ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ବିଧାୟକ ନାୟକ କହିଛନ୍ତି। ସରକାରଙ୍କ ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଭିନ୍ନ ସହାୟକ ଉପକରଣ, ବାଣିଶ୍ରୀ ଯୋଜନାରେ ବୃତ୍ତି ପ୍ରଦାନ, ଭିନ୍ନକ୍ଷମଙ୍କୁ ବିବାହ କଲେ ସରକାର ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ଋଣ ପ୍ରଦାନ ଓ ସରକାରୀ ନିଯୁକ୍ତିରେ ସ୍ଥାନ ସଂରକ୍ଷଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଶିବିରରେ ୩ ହଜାରରୁ ଅଧିକ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଉପସ୍ଥିତ ଥିଲେ। ଶିବିରରେ ମାନସିକ, ଶ୍ରବଣ, ଚକ୍ଷୁ, ଅସ୍ଥିଶଲ୍ୟ, ମୂକ, ବଧିର ପ୍ରମୁଖ ବିଭାଗର ବିଭାଗୀୟ ଚିକିତ୍ସକଙ୍କ ନିକଟରେ ପରୀକ୍ଷା କରାଇଥିଲେ। ବ୍ଲକରେ ଅଦ୍ୟାବଧି ୮୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଓ ୮୦ ପ୍ରତିଶତରୁ ଅଧିକ ୩,୬୫୩ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସାଢେ ୩ ହଜାର ଟଙ୍କା ଭତ୍ତା ବଣ୍ଟନ କରାଯାଇଛି। ଶିବିରରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ରାଉତ, ସାଂସଦ ପ୍ରତିନିଧି ସରୋଜକାନ୍ତ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସିଡିପିଓ କବିତା ମଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ସରପଞ୍ଚ ରତିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଲର ଫାଇଷ୍ଟରେ ଉତ୍ତେଜନା, ଯୋଗାଣ ନିରୀକ୍ଷକଙ୍କ ତଦନ୍ତ

### ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

ଡେରାବିଶ, ୨୧।୧ (ବେବର୍ତ୍ତା ଅଜୟ ଦାସ)


ଯୋଗାଣବିଭାଗ ନିରୀକ୍ଷକ ଓ ପୋଲିସ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ ସବଳଙ୍ଗଠାରେ ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ନେଇ ମଙ୍ଗଳବାର ସନ୍ଧ୍ୟାରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ହିତାଧିକାରୀଙ୍କୁ ଓଜନଠାରୁ କମ୍ ପରିମାଣର ଚାଉଳ ଡିଲର ଦେଉଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ଏଥିସହ ଚାଉଳ ବଣ୍ଟନ ପାଇଁ ଥିବା ସରକାରୀ ନିୟମକୁ ଡିଲର ଉଲ୍ଲଂଘନ କରି ଜଣେ ବ୍ୟକ୍ତିଗତ ଲୋକଙ୍କ ଘରେ ରାଶନ ସାମଗ୍ରୀ ମହଜୁଦ ରଖିଥିବା ନେଇ ସ୍ଥାନୀୟ ଗ୍ରାମର ହିତାଧିକାରୀଙ୍କ ପକ୍ଷରୁ ଆଉ ଏକ ଅଭିଯୋଗ ମଧ୍ୟ ଥାନାରେ ହୋଇଛି।

ପଲେଇ ପଞ୍ଚାୟତର ୧୦ଟି ୱାର୍ଡ ପାଇଁ ପୂର୍ବରୁ ନିଯୁକ୍ତ ଥିବା ଡିଲର ନିଲମ୍ବିତ ହେବା ପରେ ଏହି ୧୦ଟି ୱାର୍ଡ ନିମନ୍ତେ ଅନ୍ୟ ଡିଲରଙ୍କୁ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ରାଶନ ସାମଗ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟାଯିବା ପାଇଁ କେତେଜଣ ହିତାଧିକାରୀ ଦାବିକରି ଆସୁଥିବାବେଳେ ସମ୍ପୃକ୍ତ ଡିଲର ଜଣେ ବ୍ୟକ୍ତିଗତ ଲୋକଙ୍କ ଘରେ ଚାଉଳ ଦେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ସନ୍ଧ୍ୟାରେ ସବଳଙ୍ଗ ଛକରେ ଉକ୍ତ ଡିଲର ହିତାଧିକାରୀଙ୍କୁ ବଣ୍ଟନ କରିଥିବା ଚାଉଳ ପରିମାଣ ଓଜନରେ କମ୍ ଥିବା ଏବଂ ହିତାଧିକାରୀଙ୍କ ପାଇଁ ଆସିଥିବା ଚାଉଳ ବଣ୍ଟନ ସ୍ଥାନଠାରୁ ଦୂରରେ ଥିବା ଜନୈକ ବ୍ୟକ୍ତିଙ୍କ ଘରେ କାହିଁକି ଗଚ୍ଛିତ ରଖାଯାଇଛି ବୋଲି ହିତାଧିକାରୀମାନେ ଯୋଗାଣ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ କୁମାର ଦାସ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ବ୍ୟକ୍ତିଗତ ଲୋକଙ୍କ ଘରେ ଗଚ୍ଛିତ ଥିବା ସରକାରୀ ଚାଉଳ ଘରକୁ ନିରୀକ୍ଷକ ଦାସ ତାଲା ପକାଇ ରଖିଥିବା ଜଣାଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ସାହୁଙ୍କୁ ପଚାରିବାରୁ ଯୋଗାଣ ସାମଗ୍ରୀ କୌଣସି ବ୍ୟକ୍ତିଗତ ଲୋକଙ୍କ ଘରେ ବଣ୍ଟନ କରା ନ ଯାଉ ବୋଲି ସେ କହିଥିଲେ। ଅପରପକ୍ଷରେ ଯୋଗାଣ ନିରୀକ୍ଷକ ଦାସଙ୍କୁ ପଚାରିବାରୁ ଯେଉଁ ସ୍ଥାନରେ ବର୍ତ୍ତମାନ ଚାଉଳ ଗଚ୍ଛିତ ଅଛି, ସେ ବ୍ୟକ୍ତିଙ୍କ ସହ ପୂର୍ବରୁ ଚୁକ୍ତିନାମା କରାଯାଇଥିଲା। ତେବେ ହିତାଧିକାରୀଙ୍କ ଦାବିକୁ ଦୃଷ୍ଟିରେ ରଖି ସେମାନେ ଚାହୁଁଥିବା ସ୍ଥାନକୁ ବୁଧବାର ଗଚ୍ଛିତ ଚାଉଳ ସ୍ଥାନାନ୍ତର କରାଯିବ। ସେହିପରି ହିତାଧିକାରୀ ନେଇଥିବା ଚାଉଳ ପରିମାଣ ନେଇ ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରାଯିବା ସହ ଓଜନ କଣ୍ଟା ମଧ୍ୟ ଯାଞ୍ଚ କରାଯିବ। ଯଦି ଅଭିଯୋଗରେ ସତ୍ୟତା ମିଳେ ତେବେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ବୈଠକ ବାତିଲ**

ନୟାଗଡ଼,(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ ଚମ୍ପତିପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା କୋରମ ଅଭାବରୁ ମଙ୍ଗଳବାର ବୈଠକ ବାତିଲ ହୋଇଛି । ୨୦୨୪ ନଭେମ୍ବର ୧୧ରେ ୧୦ ଜଣ ୱାର୍ଡ ସଭ୍ୟ ଉପଜିଲାପାଳଙ୍କୁ ଅନାସ୍ଥା ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ୨୦୨୫ ଜାନୁଆରୀ ୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମଙ୍ଗଳବାର ଅନାସ୍ଥା ଆଗତ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ହେଲେ ବୈଠକରେ ୬ ଜଣ ୱାର୍ଡ ସଭ୍ୟ ଉପସ୍ଥିତ ରହିଥିଲେ । କୋରମ ଅଭାବରୁ ବୈଠକକୁ ବାତିଲ କରାଯାଇଥିଲା ।



# ଗୋଡ଼ିପଡ଼ା ବ୍ଲକ୍ ଦାବି ଜୋର ଧରିଲା

■ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

■୧୭ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ ଜିଲାପାଳଙ୍କୁ ଭେଟିଲେ

ନୟାଗଡ଼,୨୧।୧(ଲୋକନାଥ ମିଶ୍ର):



ନୟାଗଡ଼ ଜିଲାର ଗୋଡିପଡ଼ାଠାରେ ବ୍ଲକ ପ୍ରତିଷ୍ଠା ପାଇଁ ଓଡ଼ଗାଁ ଓ ରଣପୁର ବ୍ଲକର ୧୭ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ମଙ୍ଗଳବାର ସ୍ମାରକପତ୍ର ଦେଇଛନ୍ତି । ଗୋଡିପଡ଼ା ବ୍ଲକ କ୍ରୀୟାନୁଷ୍ଠାନ କମିଟି ନେତୃତ୍ୱରେ ସରପଞ୍ଚ, ସମିତି ସଭ୍ୟ, ପ୍ରାଥମିକ କୃଷି ସମବାୟ ସମିତିର ସଭାପତି, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରି ଗୋଡିପଡ଼ାକୁ କାହିଁକି ବ୍ଲକ କରାଯିବ ସେନେଇ ସୂଚନା ଦେଇଥିଲେ । ରଣପୁର ବ୍ଲକର ଭାଇସଚେୟାରମ୍ୟାନ ପ୍ରଭାତ କୁମାର ଦଳବେହେରା, ଡମସାହି ସରପଞ୍ଚ ରୀନା ଦଳବେହେରା, ରଙ୍କଦେଉଳି ସରପଞ୍ଚ ପରେଶ ରଞ୍ଜନ ମୁଦୁଲି, ହରିଡାବନ୍ଧ ସମିତି ସଭ୍ୟ ମନୋରଞ୍ଜନ ପଡ଼ିହାରୀ ଓ ସରପଞ୍ଚ ବେଣୁଧର ବିଶ୍ୱାଳ, ଗୋଡିପଡ଼ା ଜିଲା ପରିଷଦ ସଭ୍ୟ ସଂଯୁକ୍ତା ପଡ଼ିହାରୀ, ପଞ୍ଚୁମୁ ପଞ୍ଚାୟତ ସମିତି ସଭ୍ୟ ଅଜୟ କୁମାର ବିଶୋଇ ଓ ସରପଞ୍ଚ ରାଣୀ ପାଇକେରା, ବଡଗୋରଡା ସରପଞ୍ଚ ତ୍ରିଲୋଚନ ଦଳେଇ ଓ ସମତି ସଭ୍ୟ ଯୋଗୀ ପ୍ରଧାନ,ଗୋଲଗାଁ ସରପଞ୍ଚ ଶ୍ରୀଧର ଘଡେଇ,ଆଙ୍ଗିସିଙ୍ଗି ସମିତି ସଭ୍ୟ ମିତାରାଣୀ ମହାପାତ୍ର ଓ ସରପଞ୍ଚ ନମିତା ମହାପାତ୍ର, ଡିମଶର ସମିତି ସଭ୍ୟ ରୀନା ଦଳବେହେରା ଓ ସରପଞ୍ଚ ଦିଗାମ୍ବର ସାହୁ, କଜଳାଇପଲ୍ଲୀ ସରପଞ୍ଚ ପୂଜା ବରାଡ ଓ ସମିତି ସଭ୍ୟ ମମତା ମହାପାତ୍ର, ଭାଲିଆଡିହି ସରପଞ୍ଚ ଚନ୍ଦ୍ରାବତୀ ମଲିକ ଓ ସମତି ସଭ୍ୟ ଗୀତାଞ୍ଜଳୀ ପାତ୍ର, ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଓ ସମିତି ସଭ୍ୟ ସସ୍ମିତା ମହାନ୍ତି, ଗୋଡିପଡା ବ୍ଲକ କ୍ରୀୟାନୁଷ୍ଠାନ କମିଟିର ଆବାହକ ସତ୍ୟବାଦୀ ସାହୁ, ଗୋଡିପଡ଼ା ପ୍ରାଥମିକ କୃଷି ସମବାୟ ସମିତି ପ୍ରଫୁଲ କୁମାର ସାହୁ, କେଶପାନିଆ ପ୍ରାତମିକ କୃଷି ସେବା ସମବାୟ ସମିତି ସଭାପତି ଅଶୋକ କୁମାର ନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ, ଗୋଡିପଡ଼ା ହେଉଛି ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର ମଧ୍ୟବର୍ତ୍ତୀ ଅଞ୍ଚଳ । ଗୋଡିପଡ଼ାଠାରୁ ୩ ବ୍ଲକର ଦୂରତା ୨୫ କିମି ରହିଛି। ଗୋଡିପଡ଼ା ଓଡ଼ଗାଁ ବ୍ଲକରେ ରହିଥିବାବେଳେ ଗୋଡିପଡ଼ା ଓ ଆଖପାଖ ୧୭ଟି ପଞ୍ଚାୟତର ଜନସାଧାରଣ ୨୫ କିମି ଯାଇ ସେମାନଙ୍କ ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାମ କରିବା ନେଇ ହଇରାଣ ହୋଇ ଆସୁଛନ୍ତି । ପୁଣି ରଣପୁର, ନୟାଗଡ଼ ଓ ଓଡ଼ଗାଁ ବ୍ଲକରେ ପଞ୍ଚାୟତ ସଂଖ୍ୟା ବୃଦ୍ଧି ପାଇଛି । ୩ ବ୍ଲକରୁ କିଛି ପଞ୍ଚାୟତକୁ ଅଣାଯାଇ ଗୋଡିପଡ଼ାରେ ବ୍ଲକରେ ରଖାଗଲେ ୩ ବ୍ଲକର ସୀମାନ୍ତ ଅଞ୍ଚଳ ଲୋକ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗୋଡିପଡ଼ାରେ ବ୍ଲକ ଗଠନ ଦାବି ୫୪ ବର୍ଷ ହେଲା ହୋଇ ଆସୁଥିବାବେଳେ ସରକାରଙ୍କ ବ୍ଲକ ପୁନର୍ଗଠନ ନିଷ୍ପତ୍ତି ଗୋଡିପଡ଼ା ଅଞ୍ଚଳର ବ୍ଲକ ପ୍ରତିଷ୍ଠା ଦାବି ପ୍ରତି ଆଶା ସଞ୍ଚାର କରିଛି । ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଥିବା ଗୋଡିପଡ଼ାରେ ବ୍ଲକ୍ ହେବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବାବେଳେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମଧ୍ୟ ବ୍ଲକ ପୁର୍ନଗଠନ କମିଟିର ଗୋଡିପଡ଼ା ବ୍ଲକ ପାଇଁ ସୁପାରିଶ ଥିଲା । ତେବେ କେନ୍ଦ୍ର ସରକାରଙ୍କ ସିଗନାଲ ମିଳି ନ ଥିବାରୁ ବ୍ଲକ ଗଠନ ଦାବି ଉପେକ୍ଷିତ ହୋଇ ରହିଯାଇଥିଲା । ଏବେ ରାଜ୍ୟରେ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ରାଜ୍ୟ ସରକାରଙ୍କର ବ୍ଲକ ପୁର୍ନଗଠନ ନିଷ୍ପତ୍ତିର ଫାଇଦା ଗୋଡିପଡ଼ା ନେବ ବୋଲି ଦାବିକୁ ତ୍ୱରାନ୍ୱିତ କରାଯାଉଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୁହନ୍ତି ଗୋଡିପଡ଼ାରେ ବ୍ଲକ ପ୍ରତିଷ୍ଠା ପାଇଁ ଗୋଡିପଡ଼ା ଅଞ୍ଚଳର ଜନସାଧାରଣଙ୍କୁ ସ୍ମାରକପତ୍ର ମୋତେ ଆଜି ମିଳିଛି । ଏନେଇ ସରକାରଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି । ରଣପୁର ବ୍ଲକର ଭାଇସଚେୟାରମ୍ୟାନ ପ୍ରଭାତ କୁମାର ଦଳବେହେରା, ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ଗୋଡିପଡ଼ାରେ ବ୍ଲକ ପ୍ରତିଷ୍ଠା ପାଇଁ ଆମର ଦାବି ବହୁ ବର୍ଷର । ଆମ ଦାବି ପ୍ରତି ସରକାର ଓ ପ୍ରଶାସନର ଶୁଭ ସଙ୍କେତ ମିଳୁଛି । ଆମେ ଆମର ଦାବିକୁ ହାସଲ କରିବାକୁ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି ।

# ଯାତ୍ରା ଦେଖିବାକୁ ଯାଇଥିବା ଯୁବକଙ୍କୁ ହତ୍ୟା



ମୃତ ଦେହ ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

■ଡାକ୍ତରଖାନାରେ ଆଖି ବୁଜିଲେ

■ଉତ୍ତେଜନା, ମୃତଦେହ ରଖି ରାସ୍ତା ଅବରୋଧ

ଶରଣକୁଳ,୨୧।୧(ଦୀପକ କର):

ସୋମବାର ସନ୍ଧ୍ୟାରେ ନୟାଗଡ଼ ଜିଲା ଶରଣକୁଳ ଥାନା ଚଢ଼େୟାପଲ୍ଲି ଗ୍ରାମକୁ ତାରିଣୀ ଯାତ୍ରା ଦେଖିବାକୁ ପଞ୍ଚିରି ମାନପୁର ଗ୍ରାମର ପରମାନନ୍ଦ ବାଘ (୨୮) ଓ ତାଙ୍କ ଭଉଣୀ ସୀତା ବାଘ ଯାଇଥିଲେ। କୌଣସି କାରଣକୁ ନେଇ ଚଢ଼େୟାପଲ୍ଲି ଗ୍ରାମର ୧୦ରୁ ୧୫ଜଣ ଯୁବକ ପରମାନନ୍ଦ ଓ ତାଙ୍କ ସାଙ୍ଗ ନେପୁରୀ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ । ଘଟଣାସ୍ଥଳରୁ ନେପୁରୀ ଖସି ଆସିଥିଲେ। ହେଲେ ପରମାନନ୍ଦଙ୍କୁ ସମସ୍ତେ ଘେରିଯାଇ ବିଧା ଗୋଇଠା ମାରି ତଳେ ପକାଇ ଦେଇଥିଲେ। ଆକ୍ରମଣକାରୀ ସେଠାରୁ ଚାଲିଯିବା ପରେ ୨ଜଣ ଲୋକଙ୍କ ସହାୟତାରେ ଭଉଣୀ ସୀତା ଭାଇଙ୍କୁ ଗୁରୁତର ଅବସ୍ଥାରେ ଘରକୁ ଆଣିଥିଲେ। ତାଙ୍କୁ ପ୍ରଥମେ ଶରଣକୁଳ ଓ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ପଞ୍ଚିରି ମାନପୁର ଗ୍ରାମର ଶତାଧିକ ଲୋକ ଶରଣକୁଳ ଥାନା ଆଗରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଭଉଣୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ ୧୩/୨୫) ରୁଜୁ କରିଛି। ଏଥିରେ ଚଢ଼େୟାପଲ୍ଲୀ ଗ୍ରାମର ବବୁଲ ବିଶ୍ୱାଳ, ସୋନୁ ନିଗମ ବିଶ୍ୱାଳ, ପପୁ ମନ୍ତ୍ରୀ, ପ୍ରଦୀପ ପ୍ରଧାନ, ଦିପୁ ବିଶ୍ୱାଳ, ଲିପୁ ବିଶ୍ୱାଳଙ୍କ ସମେତ ବହୁ ଯୁବକ ସାମିଲ ଥିବା ଦର୍ଶାଯାଇଛି। ଗାଁର ଲୋକମାନେ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାଜରାସ୍ତା ଉପରେ ମୃତଦେହ ରଖି ବସିବା ପରେ ଶରଣକୁଳ ଏସ୍‌ଡିପିଓ ହେମନ୍ତ ରାଓ , ଶରଣକୁଳ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଓଡଗାଁ ଥାନା ଅଧିକାରୀ ରଶ୍ମୀରଞ୍ଜନ ସାହୁ ଲୋକଙ୍କୁ ବୁଝାଶୁଝା କରିଥିଲେ। ୨ଦିନ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସହାୟତା ଭାବେ ୧୦ ହଜାର ଟଙ୍କା ପ୍ରଦାନ ପରେ ରାସ୍ତାରୋକୋ ହଟିଥିଲା।

# ଧନ୍ଦାମୂଳକ ଶିକ୍ଷା ଦ୍ୱାରା ବେକାର ସମସ୍ୟା ଦୂରହେବ

## ଶିକ୍ଷକ,ପ୍ରଶିକ୍ଷକ ଓ ଅଭିଭାବକଙ୍କ ବୈଠକ

ଶରଣକୁଳ,୨୧।୧(ଦୀପକ କର):



ବୈଠକରେ ଯୋଗଦେଇଥିବା ଶିକ୍ଷକ, ଅଭିଭାବକ ଓ ଅନ୍ୟମାନେ ।

ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପରିଧାନ ବିଭାଗର ଶିକ୍ଷକ, ପ୍ରଶିକ୍ଷକ ଓ ଅଭିଭାବକଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଧନ୍ଦାମୂଳକ ଶିକ୍ଷାର ଗୁଣାତ୍ମକ ବିକାଶ, ସଚେତନତା, ମାଟ୍ରିକ ପ୍ରାକ୍ଟିକାଲ ପରୀକ୍ଷା ସମେତ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ପ୍ରଣାଳୀ, କ୍ୟାରିୟର କାଉନସେଲିଂ ସହ ଛାତ୍ରୀଛାତ୍ରଙ୍କ ଅନ୍ୟାନ୍ୟ ସୁବିଧା ଅସୁବିଧା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ଏବଂ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ଧନ୍ଦାମୂଳକ ଶିକ୍ଷା, ଶିକ୍ଷାକ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସେହିପରି ସ୍ୱୋକ୍ ସ୍କୁଲ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନ ଶିକ୍ଷକ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ବେକାର ସମସ୍ୟା ନିଶ୍ଚିତ ଦୂର ହେବା ସହ ଜଣେ ଶିକ୍ଷାର୍ଥୀ ଭବିଷ୍ୟତରେ ଭଲ ରୋଜଗାରକ୍ଷମ ହୋଇପାରିବ ବୋଲି ମତ ରଖିଥିଲେ। ରାଜ୍ୟରେ ନୂଆ ଜାତୀୟ ଶିକ୍ଷା ନୀତିରେ ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଭଲ ସୁବିଧା ଯୋଗାଇ ଦେବ ବୋଲି ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଉପଦେଷ୍ଟା ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ କହିଥିଲେ। ଏଥିସହିତ ବିଦ୍ୟାଳୟ କମିଟି ସଭାପତି ମାନସ କୁମାର ନାୟକ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ଅଧିକ ସୁଯୋଗ ଦେଲେ ସେମାନେ ପରିଧାନ ବିଷୟରେ ଅଧିକରୁ ଅଧିକ ଉନ୍ନତି କରିପାରିବେ ବୋଲି କହିଥିଲେ। ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ର ବୋର୍ଡ ପରୀକ୍ଷାର ପୂର୍ବ ପ୍ରସ୍ତୁତି ଏବଂ ଶିକ୍ଷାର୍ଥୀଙ୍କ କ୍ୟାରିୟର କାଉନସେଲିଂରେ ପରିଧାନ ବିଭାଗର ପରିସର ବିଷୟରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ବୈଠକରେ କ୍ରୀଡ଼ା ପ୍ରଶିକ୍ଷକ ଦାମୋଦର ସାହୁଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଅଭିଭାବକଙ୍କ ମତାମତ ସହ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ର ପରିଚାଳନା କରିଥିଲେ।

# ବରୁଣେଇ କ୍ରିକେଟ କ୍ଲବ୍ ବିଜୟୀ

## ରବୀନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୨୧।୧(ଅଜୟ କୁମାର ମହାରଣା)

ବାଣପୁର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଆରମ୍ଭ ହୋଇଥିବା ରବିନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ। ଏଥିରେ ବରୁଣେଇ କ୍ରିକେଟ୍ କ୍ଲବ କଣ୍ଟିଲୋ କ୍ରିକେଟ ଟିମ୍ ୬ ରନରେ ଭୋଗଡା କ୍ରିକେଟ କ୍ଲବକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ବରୁଣେଇ ଦଳ ଟସ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୮ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଭୋଗଡା ଟିମ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଦଳର ବାବୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁରେଶ କୁମାର ପ୍ରଧାନ ଓ ଶାନ୍ତନୁ କୁମାର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ ।

# ଅଭିମାନପୁର ଟିମ୍ ବିଜୟୀ

## ପ୍ରୀୟାଂଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୨୧।୧(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରିୟଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ କ୍ୱାଟର ଫାଇନାଲ ମ୍ୟାଚରେ ଅଭିମାନପୁର କ୍ରିକେଟ୍ କ୍ଲବ ୯ ଉଇକେଟରେ ସୁନାଖଳା କ୍ରିକେଟ୍ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଛି । ସୁନାଖଳା ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୩ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଅଭିମାନପୁର ଟିମ୍ ୧୨ ଓଭରରେ ମାତ୍ର ଗୋଟିଏ ଉଇକେଟ ବିନିମୟରେ ଆବଶ୍ୟକ ୨୩୫ ରନ ସଂଗ୍ରହ କରି ବିଜୟୀ ହୋଇଛି । ଈଶ୍ୱର ଚନ୍ଦ୍ର ରାଉତ ଓ ବରୁଣ ରାଉଳ ଖେଳ ପରିଚାଳନା କରିଥିବା ବେଳେ ଆଲୋକ କୁମାର ରାଉତ ଓ ନିରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାମଚରିତ ମାନସ ନବାହ୍ନ ପାରାୟଣ, କଳସ ଶୋଭାଯାତ୍ରା



ରାମଚରିତ ମାନସ ପାରାୟଣ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା ।

ଖଣ୍ଡପଡ଼ା,୨୧।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହ(ମୁକ୍ତିତୀର୍ଥ) ତୋଟା ହନୁମାନଙ୍କ ପୀଠରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ରାମଦୟା ପରିଷଦ ପକ୍ଷରୁ ଆୟୋଜିତ ଏହି ୩୭ତମ ବାର୍ଷିକ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଶତାଧିକ ମହିଳା ଓ ପୁରୁଷ ନବବସ୍ତ୍ର ପରିଧାନ କରି ନୂତନ କଳସରେ ପାଣି ନେଇ ମନ୍ଦିର ପରିସରସ୍ଥିତ ଯଜ୍ଞ ବେଦୀ ନିକଟରେ ସ୍ଥାପନ କରିଥିଲେ । ଆଖପାଖ ଗ୍ରାମର ଇଷ୍ଟ ଦେବାଦେବୀଙ୍କୁ ବିମାନ ଯୋଗେ ପାଟପଟୁଆରରେ ଯଜ୍ଞସ୍ଥଳୀକୁ ଅଣାଯାଇଥିଲା । ଏହି ଅବସରରେ ଅଧିବାସ, ଅଙ୍କୁରାରୋପଣ, ହନୁମାନ ଚାଳିସା ପଠନ, ପ୍ରାତଃ ସମୟରେ ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ବିଜୟ କୁମାର ପୃଷ୍ଟି, କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡ଼ଙ୍ଗୀ ଓ ବ୍ୟାସ ଭାବେ ପୁରୀ ପୀଠାଧୀସ ସନ୍ୟାସୀ ଦୟାରାମଜୀ ମହାରାଜ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୨୯ ତାରିଖ ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ମଙ୍ଗଳବାର ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଅବସରରେ ଶ୍ରୀରାମ ନାମ ମହାତ୍ମ୍ୟ, ସତୀମୋହ ଓ ଶିବ ପାର୍ବତୀ ବିବାହ ପ୍ରସଙ୍ଗ ଉପରେ ପ୍ରବକ୍ତା ସୂର୍ଯ୍ୟକାନ୍ତ ରଥ ପ୍ରବଚନ ଦେଇଥିଲେ।

# ଓଡ଼ଗାଁ ୱାଟର ଶେଡ୍ ଯାତ୍ରା–୨୦୨୫

## ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଉପରେ ଗୁରୁତ୍ୱାରୋପ

ଓଡ଼ଗାଁ,୨୧।୧(ଆଦର୍ଶ କୁମାର ପଟ୍ଟନାୟକ ):



ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ୱାଟରଶେଡ ସଚେତନତା ଯାତ୍ରା ୨୦୨୫ ବାଣ୍ଡପୁର ପଞ୍ଚାୟତ ଧବଳେଇ ପଡ଼ିଆ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳିଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡାକ୍ତର ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ କୃଷି ଜଳସିଞ୍ଚନ ଯୋଜନା ଦ୍ୱାରା ଚାଷୀମାନେ କିପରି ଲାଭବାନ ହୁଅନ୍ତି, ଅଳ୍ପ ଜମି , ଅଳ୍ପ ପାଣି ବ୍ୟବହାର କରି ଅଧିକ ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଇ ମୂହୁର୍ତ୍ତରୁ ଏହି ଉପକ୍ରମ ଆରମ୍ଭ ହେଉ, ଯାହାଫଳରେ ବର୍ଷେରୁ ଦୁଇବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ରେ ଓଡ଼ଗାଁର ଚାଷୀଙ୍କ କୃତୀତ୍ୱ ସ୍ଥାନ ପାଇବ । ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ଜଳର ଆବଶ୍ୟକତା ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବୈଜ୍ଞାନିକ ଧ୍ରୁବଚରଣ ସାହୁ ଏବଂ ଜିଲା କୃଷି ଅଧିକାରୀ ସୁମନ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳ ସିଞ୍ଚନ ପ୍ରଣାଳୀର ବୈଜ୍ଞାନିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଋତୁ ପରିବର୍ତ୍ତନ ଅନୁସାରେ ନିୟମିତ ଫସଲ ଓ ନିୟମିତ ଉତ୍ପାଦନ କିପରି ହେବ ତଥ୍ୟ ଆଧାରରେ ପ୍ରମାଣ ରଖିଥିଲେ । ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଗୌଡପୁଟ ସରପଞ୍ଚ ତ୍ରିନାଥ ନାୟକ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ସୈନିକମାନଙ୍କ ସହିତ ତୁଳନା କରିଥିଲେ । ଏହି ଅବସରରେ ଧବଳେଇଠାରେ ଏମ୍‌ପି ପାତ୍ର ବର୍ଷାଜଳ ପରିଚାଳନା ବନ୍ଧର ଲୋକାର୍ପଣ ଓ କ୍ଷେତ ପୋଖରୀର ଶୁଭ ଉଦ୍‌ଘାଟନ କରିଥିଲେ । ସେହିପରି ବନ୍ଧସାହିଠାରେ ଭ୍ୟାନ ଯାତ୍ରା ଓ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ସହିତ ଅମୃତ ସରବୋରର ଲୋକାର୍ପଣ ଏବଂ ଫିଡର ଚ୍ୟାନେଲର ଉଦଘାଟନ କରିଥିଲେ । ମୃତ୍ତିକା କ୍ଷୟ ଓ ତା'ର ସଂରକ୍ଷଣ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୫ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ୭ ଅଣୁ ଜଳ ବିଭାଜିକା ଗୋଷ୍ଠୀର ସଭାପତି ୨ ଜଣ ସଫଳ ଚାଷୀ, ୨ ଜଣ ୱାଟର ଶେଡ ଯୋଦ୍ଧାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଓଡ଼ଗାଁ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମଧୁସ୍ମିତା ବେହେରା, କୃଷିଯନ୍ତ୍ରୀ ମିହିର ଚରଣ ପାତ୍ର, ଦୀପକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଖବରଦାତା ଗଣେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ସମସ୍ତେ ୩ ହଜାର ଟଙ୍କା ଭତ୍ତା ପାଇବେ: ମନ୍ତ୍ରୀ



ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭତ୍ତାବଣ୍ଟନ ଓ ନୂତନ ଗୃହର ଶିଳାନ୍ୟାସ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ଓ ନୂତନ ଗୃହର ଶିଳାନ୍ୟାସ

ଚଣ୍ଡିଖୋଲ,୨୧।୧(ପ୍ରଦୀପ୍ତ କୁମାର ପୃଷ୍ଟି)

୧୨ ବର୍ଷରେ ଗୋଟିଏ ଯୁଗ। ୨୪ ବର୍ଷରେ ଦୁଇଟି ଯୁଗ ଧରି ଶାସନ କଲେ। ହେଲେ ସମସ୍ୟାର ସମାଧାନ ହୋଇ ପାରିଲାନାହିଁ। ଆମ ସରକାର ଲୋକଙ୍କ ସରକାର, ଲୋକଙ୍କ ପାଇଁ କାମ କରୁଛି ଓ ମାତ୍ର ୭ ମାସରେ ସମସ୍ତ ପ୍ରତିଶ୍ରୁତି ପାଳନ କରି ସାରିଲିଣି। ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ୨୦୨୫ ଏପ୍ରିଲ ସୁଦ୍ଧା ସମସ୍ତ ଗ୍ରାମବାସୀ ପାନୀୟ ଜଳପାଇବେ। ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜନସାଧାରଣଙ୍କ ବସିବା ଓ ପଞ୍ଚାୟତ ପ୍ରତିନିଧିଙ୍କ ବସିବା ପାଇଁ ୯୦ ଲକ୍ଷ ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ମଣ୍ଡପ ନିର୍ମାଣ ହେବ। ଆଉ କେହି ଗଛମୂଳରେ ବସିବେ ନାହିଁ। ସେହିପରି ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ଷ୍ଟ୍ରିଟ ଲାଇଟ ଲାଗିବ। ଆଦିବାସୀଙ୍କ ନିମନ୍ତେ ହାଟ ବଜାର ନିର୍ମାଣ କରାଯିବ। ଧୀରେଧୀରେ ସମସ୍ତ ଦାବିପୂରଣ କରାଯିବ। ଚଳିତ ବର୍ଷ ୭୫ ହଜାର ନିଯୁକ୍ତି ସୃଷ୍ଟି କରାଯିବ। ଆଗାମୀ ଦିନରେ ସାମାଜିକ ସୁରକ୍ଷା ଭତ୍ତା ବୃଦ୍ଧି ଘୋଷଣା ହେବ। ସମସ୍ତ ହିତାଧିକାରୀ ୩ ହଜାର ଟଙ୍କା ଭତ୍ତା ପାଇବେ। ମଙ୍ଗଳବାର ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭତ୍ତାବଣ୍ଟନ ଓ ନୂତନ ଗୃହ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବଡ଼ଚଣାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଓଡ଼ିଶାର ସର୍ବବୃହତ ବ୍ଲକ ବଡ଼ଚଣା ଆଜି ପର୍ଯ୍ୟନ୍ତ ଅବହେଳିତ। ଏଠାରେ ଅଢେଇ ଲକ୍ଷ ଲୋକ ୪୩ ପଞ୍ଚାୟତରେ ରହିଛନ୍ତି। ବ୍ଲକ୍‌ରେ ୨୧୧ କର୍ମଚାରୀଙ୍କ ଆବଶ୍ୟକତା ଥିବାବେଳେ ୯୬ ପଦବୀ ଫାଙ୍କା ପଡ଼ିଛି। ୫୦ରୁ ଅଧିକ ରାଜସ୍ୱ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଏହାକୁ ଶୀଘ୍ର ପୂରଣ କରିବା ପାଇଁ ବିଧାୟକ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବାସଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନୂତନ ଓ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ୧୪୯୨ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ ରାଧାଦେଇପୁରଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପସ୍ଥଳ ପରିଦର୍ଶନ କରିଥିଲେ।

## ରାସ୍ତାରେ ଓଲଟିଲା ଟ୍ରକ୍: ଡ୍ରାଇଭର, ହେଲ୍‌ପର ଗୁରୁତର

ଧର୍ମଶାଳା,୨୧।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ଜାରକା ନିକଟ କ୍ୟୁ ବଜାରଠାରେ ରବିବାର ଭୋର୍ ସମୟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର୍ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମାଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପଶ୍ଚିମବଙ୍ଗରୁ କଟକକୁ ଗୋଖାଦ୍ୟ ନେଇ ଯାଉଥିବା ଡବ୍ଲ୍ୟୁବି ୨୩ ଏପି୭୩୨୭ ନମ୍ବର ଟ୍ରକ ରାସ୍ତା ମଝିରେ ଥିବା କରଭରେ ବାଡ଼େଇ ହୋଇ ଓଲଟି ପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ନାବାଳିକା ଅପହରଣକାରୀଙ୍କୁ ୧୦ବର୍ଷ ଜେଲ

ଯାଜପୁର ଟାଉନ,୨୧।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଅପହରଣ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଶରତ କୁମାର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୨ବର୍ଷ ଜେଲ ଦଣ୍ଡି ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୭ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ମାର୍ଚ୍ଚ ୧୩ ସନ୍ଧ୍ୟାରେ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟା ନାବାଳିକା ଘରେ ପାଠ ପଢୁଥିବାବେଳେ ହଠାତ୍ ଲାଇନ୍ (ବିଜୁଳି) କଟିଯାଇଥିଲା। ଏହାର ସୁଯୋଗ ନେଇ ସେହି ଅଞ୍ଚଳର ଦୀପ୍ତି ନିହାର ରଞ୍ଜନ ମଲିକ (୨୭) ନାମକ ଯୁବକ ନାବାଳିକାଙ୍କ ମୁହଁକୁ ବନ୍ଦ କରି ଅପହରଣ କରିନେଇଥିଲେ। ଲାଇନ ଆସିବା ପରେ ଘରଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ପରେ ନାବାଳିକାଙ୍କ ବାପା ଏ ସମ୍ପର୍କରେ ଥାନାରେ ଏକ ଏତଲା ଦାଏର କରିଥିଲେ। ପୋଲିସ ଏକ ମାମଲା ନଂ୯୩/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ବୋଲେରୋରେ କଟକ ଓ ପରେ ରାୟପୁରକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବିବାହ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଅଭିଯୁକ୍ତ ନାବାଳିକାଙ୍କୁ ନେଇ ବାଙ୍ଗାଲୋର ପଳାଇଥିଲେ। ୬ ମାସ ପରେ ପୋଲିସ ନାବାଳିକା ଓ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ମାମଲାର ବୃତ୍ତାନ୍ତ ଶୁଣାଣି କରି ୮ଜଣ ସାକ୍ଷୀଙ୍କ ସାକ୍ଷ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପାର୍ଥସାରଥି ରାୟ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶିଲ



@ ଜଣ୍ଟି



@ ଦିନେଶ



@ କମଲକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




# ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଆହ୍ୱାନ

**୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟା**

ଜଗତ୍‌ସିଂହପୁର, ୨୧।୧
(ପ୍ରମୋଦ କୁମାର ନାୟକ)

ପୁସ୍ତକ କେବଳ ଆମ ବୌଦ୍ଧିକ ବିକାଶରେ ସହଯୋଗ କରେନାହିଁ, ଏହା ଆମ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ପଢିବା ଭିତରେ ବୟସ ସରିଯାଏ, କିନ୍ତୁ ପଢ଼ା ସରେନାହିଁ। ପୁସ୍ତକକୁ ପ୍ରତ୍ୟେକ ଜୀବନଶୈଳୀ ଭାବେ ଗ୍ରହଣ କଲେ ତାର ସୁଫଳ ପାଇବା ସମ୍ଭବ ହୋଇଥାଏ। ମଙ୍ଗଳବାର ୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଅନ୍ତିମ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଳ୍ପ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଥିଲେ, ଇଂରାଜୀ ପଢିବା ମନାନାହିଁ। କିନ୍ତୁ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦେବା ଉଚିତ। ଖୁବ୍‌ଶୀଘ୍ର ଜଗତ୍‌ସିଂହପୁର ଜିଲାରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ସେ କହିଥିଲେ, ଓଡ଼ିଶା ସରକାର ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଥିବା ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଖୁବଶୀଘ୍ର ଡିଗ୍ରୀ କଲେଜର ମାନ୍ୟତା ଦେବାକୁ


ଅତିଥିମାନେ ପରିଷଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଯାଉଛନ୍ତି। ଏହି ମହାବିଦ୍ୟାଳୟକୁ ୟୁକେରେ ଥିବା ଜଣେ ବନ୍ଧୁ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହଯୋଗରେ ମହାବିଦ୍ୟାଳୟ ପୂର୍ଣ୍ଣଭାବେ ସୌରଶକ୍ତିରେ ଆଲୋକିତ ହେବ। ଏହି ବନ୍ଧୁ ଜଗତ୍‌ସିଂହପୁର ଜିଲାରେ ୪ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବେ ବୋଲି ବିଧାୟକ ଅମରେନ୍ଦ୍ର କହିଛନ୍ତି। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମୀଙ୍କ ଏନ୍ତୁଡିଶାଳ ଅଳକାଶ୍ରମ ପୁନରୁଦ୍ଧାର ହେବାକୁ ଯାଉଛି। ରାଜ୍ୟରେ ୪୪୭ ବର୍ଗ କିଲୋମିଟର ବେଳାଭୂମି ରହିଛି। ସେଥିରୁ ଜଗତ୍‌ସିଂହପୁର ଜିଲାର ୪୮ କିଲୋମିଟର ଅଛି। ଏହି ବେଳାଭୂମିରେ ପର୍ଯ୍ୟଟନର ବିକାଶ ହୋଇପାରିଲେ ଜିଲାର ଉନ୍ନତି ହେବ। ପର୍ଯ୍ୟଟନ ବିକାଶ ପାଇଁ କ'ଣ ଆବଶ୍ୟକ ସେ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଗ୍ରହ ପ୍ରକାଶ କରିଥିବା ବିଧାୟକ ଅମରେନ୍ଦ୍ର କହିଥିଲେ। କିନ୍ତୁ ଜିଲାରେ ଥିବା ଶିଳ୍ପ ସଂସ୍ଥାଗୁଡିକ ଉପରେ ଅସନ୍ତୋଷବ୍ୟକ୍ତ କରିଥିଲେ। ଜିଲାରେ ୯ଟି ବୃହତ ସହ ମୋଟ ୫୭ଟି ଶିଳ୍ପ ଅଛି। କିନ୍ତୁ ଶୁଣିବାକୁ ମିଳୁଛି ଏହି ଶିଳ୍ପଗୁଡିକରେ କାର୍ଯ୍ୟ କରୁଥିବା ଲୋକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପରିବର୍ତ୍ତେ ଡମ୍ପିଂୟାର୍ଡରେ ପୋତିଦେବା, ଏପରି କି ସମୁଦ୍ରରେ ଫିଙ୍ଗି ଦିଆଯାଉଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ଘଟଣା ସାଂଘାତିକ। ଅନ୍ୟପଟେ ଆଗାମୀ ଦିନରେ କିପରି ଶିଳ୍ପଗୁଡିକରେ ଜିଲାର ଅଧିକ ସଂଖ୍ୟକ ଯୁବକଙ୍କୁ ନିଯୁକ୍ତି ମିଳିବ ତା'ଉପରେ ଦାବି ରଖିଥିଲେ। ସିଏସ୍‌ଆର୍ ପାଣ୍ଠି ଉପରେ କହିଥିଲେ, ଆମ ଜିଲାକୁ ଶିଳ୍ପଗୁଡିକ ଲାଭାଂଶର ବହୁ କମ୍ ଟଙ୍କା ଦେଉଛନ୍ତି। ଏ ବାବଦରେ ଶିଳ୍ପ ସଂସ୍ଥାଗୁଡିକ ଦାୟିତ୍ୱବାନ ହୁଅନ୍ତୁ। ଜଗତ୍‌ସିଂହପୁରରେ ଖୁବଶୀଘ୍ର ସାମ୍ବାଦିକ ଭବନ ନିର୍ମାଣ ହେବାକୁ ଯାଉଛି ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଜିଲା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ତିର୍ତ୍ତୋଲ ସାରଳା ସୂତାକଳ ଜମିରେ ଇଲେକ୍ଟ୍ରୋନିକ, ଗାର୍ମେଣ୍ଟ କିମ୍ବା ଇଣ୍ଡଷ୍ଟ୍ରି ହବ୍ କରିବା ଉପରେ ଦାବି ଉଠିଥିଲା। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ସମ୍ପାଦକ ସାରଦା ପ୍ରସାଦ ଦାସ ସମ୍ପାଦକୀୟ ବିବରଣୀ, କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ବିଜୟ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପରିଷଦ ମୁଖପତ୍ର ସ୍ମୃତି ପତ୍ର ଉନ୍ମୋଚିତ ହୋଇଥିଲା। ଏଥିସହିତ ମହେନ୍ଦ୍ର ଆଚାର୍ଯ୍ୟଙ୍କ 'ନାୟକ କ୍ଳାନ୍ତ ଗଜପତି' ଉନ୍ମୋଚିତ ହୋଇଥିଲା।

## ନାଉଗାଁ ବ୍ଲକରେ ପ୍ରଥମ ଧାନ ମଣ୍ଡି ଉଦ୍‌ଘାଟିତ

ନାଉଗାଁ, ୨୧।୧ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ଯୋଗାଣ ବିଭାଗ ଦ୍ୱାରା ନାଉଗାଁ ବ୍ଲକର ପ୍ରଥମ ଧାନ ମଣ୍ଡି ବାଉଗାଁ ସେବା ସମବାୟ ସମିତି ଆନୁକୂଲ୍ୟରେ ଦାଣ୍ଡଆପଡ଼ିଆଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡିକୁ କ୍ରୟ କମିଟିର ସୁପରଭାଇଜର ଯଥା ତହସିଲଦାର ଅକ୍ଷୟ କୁମାର ବଡୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଧିକାରୀ ତଥା ଶିଖର ରାଜସ୍ୱ ଅଧିକାରୀ ସମୀର ମଲିକ, କ୍ରୟ କମିଟର ସଭାପତି ଅନିଲ କୁମାର ଲେଙ୍କା, କ୍ରୟ ଅଧିକାରି ଜ୍ୟୋତି ପ୍ରକାଶ ଲେଙ୍କା, କର୍ମଚାରୀ ବିରଞ୍ଚି ନାରାୟଣ ପରିଡା, ଅଜୟ ସ୍ୱାଇଁ, ବିକାଶ ସ୍ୱାଇଁ ଓ ମଣ୍ଡି ଅଧୀନରେ ଥିବା ଚାଷୀମାନେ ଉପସ୍ଥିତ ଥିଲେ। ଏହି ସମିତି ମାଧ୍ୟମରେ ୫୨୫ ଜଣ ଚାଷୀ ଧାନଦେବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଯୋଗାଣ ବିଭାଗ ତରଫରୁ ଧାନ କ୍ରୟ କରିବାର ନିର୍ଦ୍ଦେଶ ଆସିବା ପରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଧାନ କ୍ରୟ କରାଯିବ ବୋଲି କ୍ରୟ ଅଧିକାରି ଲେଙ୍କା ପ୍ରକାଶ କରିଛନ୍ତି।

## ମଜଭୁତ ମାନସିକତା ଆତ୍ମରକ୍ଷା ନିମନ୍ତେ ପ୍ରେରଣା ଦିଏ



ବାଳିକାମାନେ ଆତ୍ମରକ୍ଷା କୌଶଳ ଦେଖାଉଛନ୍ତି।

**କୁର୍ତ୍ତାଙ୍ଗ ଜୁନିଅର କଲେଜ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ**

ରଘୁନାଥପୁର, ୨୧।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆତ୍ମାନନ୍ଦ ଜୁନିଅର କଲେଜରେ ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରୁଗ୍ଣ ମାନସିକତାକୁ ପରିହାର କରି ସର୍ବଦା ସୁସ୍ଥ ଜୀବନ ବିତାଇବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କାରଣ ମଜବୁତ ମାନସିକତା ଆତ୍ମରକ୍ଷା ନିମନ୍ତେ ପ୍ରେରଣା ଦିଏ ବୋଲି ଅଧକ୍ଷ ସାହୁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ସେହିପରି ଛାତ୍ରୀମାନେ ଶିଖିଥିବା କୌଶଳକୁ ଭୁଲ ବାଟରେ ପ୍ରୟୋଗ ନ କରିବାକୁ ପ୍ରାକ୍ତନ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ସୂଚାଇ ଦେଇଥିଲେ। ପ୍ରୋଗ୍ରାମ ଅଫିସର ବାସନ୍ତିଲତା ସାହୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ କାର୍ଯ୍ୟକାରୀତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ଅଭୟ କୁମାର ମହାରଣା, ସୁମନ୍ତ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଓଝା, କମଳଲୋଚନ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ବେହେରା, ଅଜିତ କୁମାର ଭୂୟାଁ, ପ୍ରତିଭାରାଣୀ ପଣ୍ଡା, କୁମୁଦିନୀ ଦ୍ୱିବେଦୀ ଓ ପୁଷ୍ପଲତା ଦାସ ପ୍ରମୁଖ ଶିଖିଥିବା ଆତ୍ମରକ୍ଷା କୌଶଳର ପ୍ରୟୋଗ ଓ ଏହାର ଶାରିରୀକ ଅଭିବୃଦ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥି ଓ ମାଷ୍ଟର ଟ୍ରେନର ରେଖାରାଣୀ ମଲ୍ଲିକଙ୍କ ଉପସ୍ଥିତିରେ ଛାତ୍ରୀମାନେ ଶିଖିଥିବା କୌଶଳକୁ ପ୍ରଦର୍ଶିତ କରିଥିଲେ। ୮ ଦିନ ଧରି କଲେଜରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୮୩ ଜଣ ପ୍ରଶିକ୍ଷଣ ନେଇଥିଲେ। ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକ ମିଶ୍ର ସଭା ସଞ୍ଚାଳନ କରିଥିବାବେଳେ କ୍ରୀଡା ଶିକ୍ଷକ ତ୍ରିଲୋଚନ ମହାପାତ୍ର ଅତିଥି ପରିଚୟ ଏବଂ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ।

## ପାରିବାରିକ କଳହରୁ ସ୍ତ୍ରୀଙ୍କ ବେକ କାଟିଲେ ସ୍ୱାମୀ

ନାଉଗାଁ, ୨୧।୧ (ସୁଧା ବେହୁରା)

ପାରିବାରିକ କଳହରୁ ସ୍ତ୍ରୀଙ୍କ ବେକ କାଟିଦେଇଛନ୍ତି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ଅଞ୍ଚଳରେ ଘଟିଛି। ଏନେଇ ମହିଳାଙ୍କ ବାପା ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଥାନାରେ ଆଣି ଅଟକ ରଖି ପଚରାଉଚୁରା କରୁଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ବାଲିକୁଦା ବ୍ଲକ ମୂଳିଗାଁ ପଞ୍ଚାୟତ ଅନ୍ତର୍ଗତ ଜୟତରଙ୍ଗ ବେହେରା ସାହିର ଶିଶିର ବରାଳଙ୍କ ଝିଅ ପଦ୍ମିନୀ।

ଶିଶିର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବାଲିକୁଦା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ୧୩ ବର୍ଷ ତଳେ ପଦ୍ମିନୀ ବୈଦିକ ରୀତିରେ ବିବାହ କରିଥିଲେ। ମାତ୍ର ଅଧିକାଂଶ ସମୟ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିଲା। ଏପରିକି ପଦ୍ମିନୀଙ୍କୁ ଜୀବନରୁ ମାରିଦେବା ପାଇଁ ସ୍ୱାମୀ ବାରମ୍ବାର ଧମକ ଦେଉଥିଲେ। ପାରିବାରିକ କଳହ ଲାଗିରହିବା କାରଣରୁ ପଦ୍ମିନୀ ୧୫ ଦିନ ପୂର୍ବେ ଶାଶୁଘରୁ ଚାଲିଆସି ଜାମୁଗାଁସ୍ଥିତ ଭଉଣୀ ଘରେ ରହୁଥିଲେ। ଏହି କଳହର ଆପୋସ ସମାଧାନ ପାଇଁ ଦୁଇପକ୍ଷର ମୁରବି ଲୋକଙ୍କ ସହ ମଙ୍ଗଳବାର ପଦ୍ମିନୀ ଓ ତାଙ୍କ ସ୍ୱାମୀ ଆଲୋଚନା କରୁଥିଲେ। ଏହି ସମୟରେ ସ୍ୱାମୀ ହଠାତ୍ ଉତ୍ତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ପଦ୍ମିନୀଙ୍କ ବେକ କାଟିଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରିପୋର୍ଟ ଲେଖାହେଲାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ପୋଲିସ କବଳରୁ ଅଭିଯୁକ୍ତ ଚମ୍ପଟ

କୁଜଙ୍ଗ, ୨୧।୧ (ମନୋଜ ପ୍ରଧାନ)

ଚୋରା ମଦ ବ୍ୟବସାୟ କରିବା ଅଭିଯୋଗରେ ଧରାପଡ଼ିଥିବା ଜଣେ ଅଭିଯୁକ୍ତ ସୋମବାର ବିଳମ୍ବିତ ରାତିରେ ପୋଲିସ ହାତରୁ ଖସିଯାଇଛନ୍ତି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ସୁମନ ସ୍ୱାଇଁ ଦୀର୍ଘ ଦିନ ହେବ ଚୋରା ମଦ ବ୍ୟବସାୟ ଚଳାଇଆସୁଥିବା ନେଇ ଥାନାରେ ଅଭିଯୋଗ ହୋଇ ଆସୁଥିଲା। ଡିସେମ୍ବର ୩୦ରେ କୁଜଙ୍ଗ ଥାନା ପକ୍ଷରୁ ତାଙ୍କ ଘର ଉପରେ ଚଢାଉ କରାଯାଇ ୭୬ ମଦ ବୋତଲ ଜବତ କରାଯାଇଥିଲା। ଏହି ସମୟରେ ସୁମନ ପୋଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ସକ୍ଷମ ହୋଇଥିଲେ। ସେ ଘରେ ଥିବା ନେଇ ବିଶେଷ ସୂତ୍ରରୁ ଖବରପାଇ ସବ୍‌ଇନ୍ସପେକ୍ଟର ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ପୋଲିସ ଟିମ୍ ତାଙ୍କୁ ଧରିବା ପାଇଁ ସୋମବାର ରାତିରେ ଚଢ଼ାଉ କରିଥିଲା। ଏହି ସମୟରେ ସୁମନ ପୋଲିସକୁ ଆକ୍ରମଣ କରି ଖସିଯିବାକୁ ସକ୍ଷମ ହୋଇଛନ୍ତି। ହାତାହାତି ସମୟରେ ଜଣେ ପୋଲିସ କର୍ମଚାରୀଙ୍କ ଆଙ୍ଗୁଠିରେ ଜଖମ ଲାଗିଥିବା ଆଲୋଚନା ହେଉଛି। ଏସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାହାକ କହିଛନ୍ତି ସୁମନ ପୋଲିସ କବଳରୁ ନୁହେଁ ବରଂ ଆମକୁ ଆସିବା ଦେଖି ସୁମନ ଭୟରେ ଦୌଡ଼ି ପଳାଇଥିଲେ।




## ଧାନ ନେଉନାହିଁ ମିଲର, ଜିଲାପାଳଙ୍କୁ ଭେଟିଲେ ଚାଷୀ

ନୟାଗଡ଼,(ଲୋକନାଥ ମିଶ୍ର):ଏଫ୍‌ଏକ୍ୟୁ ମାନର ଧାନ ନୁହେଁ କହି ଧାନ ନେଉନି ମିଲର । ପ୍ରତିବାଦରେ ନୟାଗଡ଼ ବ୍ଲକ ବାଉଁଶିଆପ ସେବା ସମବାୟ ସମିତି ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଛନ୍ତି। ବାଉଁଶିଆପ, ପାଟଚଣ୍ଡୀପ୍ରସାଦ, ଅଭିମାନପୁର, ବଳରାମପୁର, ବିଜିପୁର, ଜହ୍ନିପଦା, ଶ୍ୟାମଘନପୁର, ପୁରୁଷୋତ୍ତମପୁର, କାଳିଆମଳି, କାଉତରା, ଗୋପାଳପୁର ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି ।

# ଚିନିକଳ ପାଇଁ ପଦଯାତ୍ରା, ବିକ୍ଷୋଭ

ନୟାଗଡ଼,୨୧।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପାଣିପୋଇଲା ନିକଟସ୍ଥ ସାନହାମରା ମୌଜାର ରସୋଲ ଖେସରା ଜଙ୍ଗଲ ପରିସରରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ ମଙ୍ଗଳବାର ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଦଯାତ୍ରା, ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାନହାମରା ମୌଜାରେ ଚିନିକଳ ପ୍ରତିଷ୍ଠା ପାଇଁ ୨୬।୯।୨୦୨୪ରେ ଜିଲାପାଳଙ୍କୁ ଭେଟି କ୍ରିୟାନୁଷ୍ଠାନ କମିଟି ଚିନିକଳ ପାଇଁ ଚିହ୍ନଟ ଜମିର ଆବଶ୍ୟକ କାଗଜପତ୍ର ଦାଖଲ କରିଥିବାବେଳେ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇ ନଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରାଯାଇ ପୁଣିଥରେ ଜିଲାପାଳଙ୍କୁ ମଙ୍ଗଳବାର ଭେଟି ଆଲୋଚନା କରାଯାଇଛି । ଏପରି କି ଜିଲାପାଳଙ୍କୁ ଚିହ୍ନଟ ଜମିର ଏକ ନକ୍ସା କମିଟି ପକ୍ଷରୁ ପ୍ରଦାନ କରାଯାଇଛି ।




ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରର ତଥ୍ୟ ଅନୁସାରେ ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଘୋଷଣା କରିଥିଲେ । ଏହାପରେ ଜିଲାରେ ଖୁସୀର ଲହରୀ ଖେଳି ଯାଇଛି । ଅତୀତରେ ନୟାଗଡ଼ ଜିଲାରେ ଆଖୁଚାଷକୁ ଆଖି ଆଗରେ ରଖି ଆର୍ଥିକ ବିକାଶ ନିମନ୍ତେ ପାଣିପୋଇଲାରେ ଚିନିକଳ କରାଯାଇଥିଲା । ଆଖୁ ଚାଷ ବୃଦ୍ଧି ଦେଖି କେନ୍ଦ୍ର ସରକାର ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ସ୍ଥାପନ କରିଥିଲେ । ଏଭଳିସ୍ଥଳେ ନୂଆ ଚିନିକଳ ପ୍ରତିଷ୍ଠା ନିମନ୍ତେ ସାନହାମରା ମୌଜା ଅଞ୍ଚଳରେ ନିର୍ବିବାଦୀୟ ଜମି, ଭଲ ଜଳ ଉତ୍ସ, ପରିବହନ ଓ ଗମନାଗମନର ସୁବିଧା, ଯାନବାହାନ ରହିବା ସ୍ଥାନ, ପ୍ରଦୂଷଣ ମୁକ୍ତ ବ୍ୟାପକ ଜଙ୍ଗଲ ଜମି ରହିଛି । ପୁଣି ଚିନିକଳଠାରୁ ଗାଁର ଜନବସତି ଦୂରରେ ରହିଛି । ଅନ୍ୟପକ୍ଷେ ରସୋଳ ଖେସେରା ଜଙ୍ଗଲରେ ପ୍ଲଟ୍‌ରେ ୨୯୮ ଏକର ଜମି ରହିଛି । ସେହି ଜମିର ସଦୁପଯୋଗ କରାଯିବା ଦାବିରେ ନୟାଗଡ଼ ବଲାଙ୍ଗୀ ବନ୍ଧଠାରୁ ଚିନିକଳ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା, ସଦସ୍ୟ ପଦଯାତ୍ରାରେ ଆସି ନୟାଗଡ଼ ସହର ପରିକ୍ରମା କରିଥିଲେ । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ଚିନିକଳ କ୍ରିୟାନୁଷ୍ଠାନ କମିଟିର ସଭାପତି ମନୋଜ ସାହୁ, ଉପସଭାପତି ଲକ୍ଷ୍ମୀଧର ସାହୁ, ସମ୍ପାଦକ ଲଳିତା କୁମାରୀ ଦାସ, ସଙ୍ଗଠକ ସଭାପତି ବିକ୍ରମ କୁମାର ପଟ୍ଟନାୟକ, କୃଷକ ପ୍ରତିନିଧି ଚକ୍ରଧର ଜେନା, ସହ ସମ୍ପାଦକ କାଳୁ ଚରଣ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଓ ବିକ୍ଷୋଭ ହୋଇଥିଲା ।

ଏନେଇ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ମନୋଜ ସାହୁ ଓ ସଙ୍ଗଠନ ସଭାପତି ବିକ୍ରମ ପଟ୍ଟନାୟକ କୁହନ୍ତି ଜିଲାପାଳଙ୍କୁ ଚିନିକଳ ପାଇଁ ଉଦ୍ଦିଷ୍ଟ ଜମିର ନକ୍ସା ହସ୍ତାନ୍ତର ବେଳେ ସାନହାମରା ମୌଜାରେ ଚିନିକଳ କରିବାକୁ ଦାବି ଉପସ୍ଥାପନ କରିଥିଲୁ । ଯେହେତୁ ପାଣିପୋଇଲାଠାରେ ଚିନିକଳ ଥିଲା, ଏଣୁ ନିକଟବର୍ତ୍ତୀ ସାନହାମରାଠାରେ ଚିନିକଳ କରାଯିବା ଦରକାର । ଜିଲାପାଳଙ୍କୁ ଚିନିକଳ ପାଇଁ ଜମିର କାଗଜପତ୍ର ଦାଖଲ ପରେ କୃଷିମନ୍ତ୍ରୀଙ୍କୁ ଭେଟିଥିଲୁ । ହେଲେ ଜିଲା ପ୍ରଶାସନ ପକ୍ଷରୁ ଚିନିକଳ ପାଇଁ ସ୍ଥାନ ଆସି ନ ଥିବା ଜଣାଇଥିଲେ । ଅନ୍ୟପକ୍ଷେ ଆସିକା, ବଡମ୍ବା ଓ ନୟାଗଡ଼ଠାରେ ଏକା ସମୟରେ ଚିନିକଳ ହେବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ । ଆସିକା ଓ ବଡମ୍ବାର କାମ ଅଗ୍ରଗତି ହୋଇଥିବାବେଳେ ନୟାଗଡ଼ ପଛରେ ପଡିଛି । ଏନେଇ ଜିଲାପାଳଙ୍କ ସହ ଆଲୋଚନା ପରେ ଚୟନ ହୋଇଥିବା ସ୍ଥାନକୁ ଅନୁଧ୍ୟାନ କରାଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୁହନ୍ତି, ଚିନିକଳ ସ୍ଥାପନ ପାଇଁ ସ୍ମାରକପତ୍ର ଓ ନକ୍ସା ମିଳିଛି । ଚିନିକଳ ପାଇଁ ଚୟନ ହୋଇଥିବା ସ୍ଥାନର ଅନୁଧ୍ୟାନ ପରେ ସରକାରଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ।

## ବାଙ୍କଡଇଲା ଜଙ୍ଗଲରୁ ଗଛକଟାକୁ ବିରୋଧ

ନୟାଗଡ଼,୨୧।୧(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ ବାଙ୍କଡଇଲା ଗ୍ରାମଦେବତୀ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର କମିଟି ଅଧିନରେ ଥିବା ଛଣଡଇଲା ଓ ବାସୁକିପଦର ଜଙ୍ଗଲରୁ ୬ଟି ଶାଳଗଛ ଓ ୧ଟି ନମ୍ବର ମଇ ଗଛ ଏପରି ୮ଟି ଗଛ ଗତ ୧୭ ତାରିଖରେ କଟା ଯାଇଛି । ୧୨ ଓ ୧୩ ଫୁଟର ଗୋଲେଇ ବିଶିଷ୍ଟ ଗଛଗୁଡିକର ଲମ୍ବ ପ୍ରାୟ ୬୦ରୁ ୭୦ ହାତ ରହିଛି । ଜଙ୍ଗଲ ସୁରକ୍ଷା କମିଟି ଓ ଗ୍ରାମସଭାକୁ ଅଣଦେଖା କରି ଫରେଷ୍ଟ କର୍ପୋରେଶନ ଗଛ କାଟିଥିବା ଅଭିଯୋଗ ହୋଇଛି । ଏନେଇ କମିଟି ପକ୍ଷରୁ ମଙ୍ଗଳବାର ନୟାଗଡ଼ ଜିଲାପାଳଙ୍କୁ ଭେଟି କର୍ପୋରେଶନର ମନଇଚ୍ଛା ଗଛକଟାକୁ ଗ୍ରାମବାସୀ ପ୍ରତିବାଦ କରି ନ୍ୟାୟ ମାଗିଛନ୍ତି। ଅପରପକ୍ଷେ ଘଟଣା ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ସ୍ତରୀୟ ଜଙ୍ଗଲ ଅଧିକାର ତଦାରଖ କମିଟି, ନୟାଗଡ଼ ଡିଏଫ୍‌ଓ ଏସିଏଫ୍‌ଙ୍କୁ ଅବଗତ କରାଇଛନ୍ତି। ଜଙ୍ଗଲ କମିଟିର ଅଭିଯୋଗ ଅନୁସାରେ ଜଙ୍ଗଲ ଅଧିକାର ସ୍ୱିକୃତୀ ଆଇନ ୨୦୦୬ ସମ୍ପୂର୍ଣ୍ଣ ଭାବେ ଫରେଷ୍ଟ କର୍ପୋରେଶନ ଉଲ୍ଲଙ୍ଘନ କରିଛି । ଯାହା ତଦନ୍ତସାପେକ୍ଷ। ଜଙ୍ଗଲ କମିଟି ଗାଁ ଲୋକଙ୍କ ସହାୟତାରେ ୨୦୧୯ ଠାରୁ ଛଣଡଇଲା ଓ ବାସୁକିପଦର ପରି କିଛି ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି । ଜଙ୍ଗଲରେ ନିଆଁ ଲାଗିଲେ ଲିଭାଉଥିବାବେଳେ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ କାମ କରୁଛନ୍ତି । ପୁଣି ଶିକାରକୁ ନିଷେଧ କରିବା, ଠେଙ୍ଗାପାଳି ମାଧ୍ୟମରେ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି । ଲୋପ ପାଇ ଯାଉଥିବା ଅହଙ୍ଗା ଗଛକୁ ନର୍ସରୀ କରି ନୂଆ ଜଙ୍ଗଲ ସୃଷ୍ଟି କରିବା, ଆମ୍ବ ତୋଟା ତିଆରି କରିବା, ପ୍ରତିବର୍ଷ ନିଜସ୍ୱ ଖର୍ଚ୍ଚରେ ମନ ମହୋତ୍ସବ ପାଳନ କରିବା ପରି କାମ କରି ଚର୍ଚ୍ଚାରେ ଅଛନ୍ତି । ସେହିପରି ଜଙ୍ଗଲ ଅଧିକାର ଶିରୋନାମା ପାଇବା ନିମନ୍ତେ ଜିଲା ପ୍ରଶାସନ ପାଖରେ ଆବଶ୍ୟକ କାଗଜପତ୍ର ଦାଖଲ ହୋଇଛି ।

## ବାଲ୍ୟ ବିବାହ ବନ୍ଦ କଲା ଚାଇଲ୍ଡ ହେଲ୍ପଲାଇନ

ଦଶପଲ୍ଲା,୨୧।୧(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲି ଗୋଛାଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରାଯାଇଛି । ଚାଇଲଡ ହେଲ୍ପ ଲାଇନ ନଂ.୧୦୯୮ରେ ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ ଚାଇଲଡ ହେଲ୍ପ ଲାଇନ ଓ ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମିଳିତ ଭାବେ ସେ ଗ୍ରାମକୁ ଯାଇ ଝିଅର ବୟସ ପ୍ରମାଣପତ୍ର ଦେଖିବା ସହିତ ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ଗ୍ରାମର ଲୋକମାନଙ୍କୁ ଓ ଝିଅର ପରିବାର ବର୍ଗଙ୍କୁ ବୁଝାଇଥିଲେ । ଝିଅର ବୟସ ୧୭ ହୋଇଥିବା ବେଳେ ବର କୃଷ୍ଣ ବିଶୋଇଙ୍କ ବୟସ ୨୮ ବର୍ଷ ଥିଲା । କୃଷ୍ଣଙ୍କ ଘର ବଡ଼ ଗୁଣ୍ଠୁରିବାରୀ ଚଢ଼େୟାପଲ୍ଲି । ସେ ଜଣେ ରାଜମିସ୍ତ୍ରୀ । ବୁଧବାର ଗ୍ରାମ ମନ୍ଦିରରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବାର ଥିଲା । ଏଥିପାଇଁ ଝିଅ ଘରେ ମଙ୍ଗନ ଅବସରରେ ଗ୍ରାମ ଲୋକଙ୍କ ପାଇଁ ଭୋଜିଭାତ ଚାଲିଥିଲା । ଝିଅର ବିବାହ ବୟସ ହୋଇ ନ ଥିବାରୁ ନୟାଗଡ ଜିଲା ଶିଶୁମଙ୍ଗଳ ସମିତିରେ ତାଙ୍କୁ ହାଜର କରାଯାଇଥିଲା । ଏହାପରେ ତାଙ୍କୁ ନୟାଗଡ଼ ସଖୀକେନ୍ଦ୍ରରେ ରଖାଯାଇଛି। ଏହି ଟିମ୍‌ରେ ନୟାଗଡ଼ ଚାଇଲଡ ହେଲ୍ପ ଲାଇନ କାଉନସିଲର ଚନ୍ଦ୍ରଶେଖର ବେହେରା, କେଶ ୱାର୍କର ସୁଜାତା ବେହେରା ଓ ଦଶପଲ୍ଲା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ସଂଯୁକ୍ତା ସାମଲ ପ୍ରମୁଖ ସାମିଲ ହୋଇଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୁଲ



@ ଜଣ୍ଟି



@ ଦିନେଶ



@ କମଲକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




